**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୦୪,୪୫,୩୪୦ | ୬୬,୧୫,୭୫୯ | ୬୨,୦୧,୨୮,୫୬୪ |
| ଭାରତ | ୪,୪୬,୬୬,୯୨୪ | ୫,୩୦,୫୩୨ | ୪,୪୧,୨୬,୯୨୪ |
| ଓଡ଼ିଶା | ୧୩,୩୬,୩୪୮ | ୯୨୦୪(+୫୩) | ୧୩,୨୬,୯୯୯ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବନ୍ୟା ବିପନ୍ନଙ୍କ ପାଇଁ 'ଆପାଦ ମିତ୍ର'

**ଯାଜପୁର ଅଫିସ,୧୪।୧୧**

ସରକାରୀ ସହାୟତା ପହଞ୍ଚିବା ପୂର୍ବରୁ ବନ୍ୟା ବିପନ୍ନଙ୍କୁ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ (କମ୍ୟୁନିଟି ଲେଭୁଲ ଭଲେଣ୍ଟିୟର) ତୁରନ୍ତ ସହଯୋଗ କରିବେ। ଏଥିପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବା ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି(ଓଏସ୍‌ଡିଏମ୍‌ଏ) ପକ୍ଷରୁ ଆପାଦ ମିତ୍ର ଯୋଜନା କାର୍ଯ୍ୟକାରୀ ହୋଇଛି। ଏଥିରେ ରାଜ୍ୟର ୧୬ଟି ଜିଲାର ଚିହ୍ନଟ ୪୪୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ। ସୋମବାରଠାରୁ ଜିଲାସ୍ତରରେ ପ୍ରଥମ ବ୍ୟାଚ୍ ତାଲିମ ପ୍ରଦାନ ଆରମ୍ଭ ହୋଇଛି। ୧୨ ଦିନ ପର୍ଯ୍ୟନ୍ତ ପ୍ରତି ବ୍ୟାଚ୍ ତାଲିମ ପାଇଁ ୬,୨୯,୨୦୦ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ତାଲିମ ପରିଚାଳନା ପାଇଁ ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରତି ବ୍ୟାଚ୍ ତାଲିମ ପାଇଁ ୮ ଜଣଙ୍କୁ ତାଲିମଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହି ଯୋଜନା ସୂଚାରୁରୂପେ କାର୍ଯ୍ୟକାରୀ କରାଗଲେ ବନ୍ୟା ବିପନ୍ନମାନେ କେତେକାଂଶରେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ତେବେ ଏହି ଲୋକହିତକର ଯୋଜନା ସମ୍ପର୍କରେ ଆବଶ୍ୟକ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ବହୁ ଇଚ୍ଛୁକ ସ୍ୱେଚ୍ଛାସେବୀ ଏହି ତାଲିମରୁ ବଞ୍ଚିତ ହେବେ ବୋଲି ମତପ୍ରକାଶ ପାଇଛି।

ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବନ୍ୟା ବିପ୍ଳାତ ନୂଆ କଥା ନୁହେଁ। ବର୍ଷା ଋତୁ ଆସିଲେ ନଦୀକୂଳବାସୀ ଭୟରେ କାଳାତିପାତ କରିଥାନ୍ତି। ସେଥିମଧ୍ୟରୁ ବନ୍ୟା ବିପନ୍ନ ଜିଲା ଭାବେ ଯାଜପୁର ଅନ୍ୟତମ। ଏହି ଜିଲାର ବୈତରଣୀ ଏବଂ ବ୍ରାହ୍ମଣୀ ସହ ଏହାର ଶାଖା ନଦୀରେ ୨୦୨୦ ଅଗଷ୍ଟ ଶେଷ ବେଳକୁ ହୋଇଥିବା ବନ୍ୟା ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ବନ୍ୟା ବୋଲି କୁହାଯାଉଛି। ଏଥିରେ ୧୨ ଜଣଙ୍କ ଜୀବନ ଯାଇଥିବାବେଳେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। କୃଷି କ୍ଷେତ୍ର ସମେତ ରାସ୍ତାଘାଟ, ଘରଦ୍ୱାର, ନଦୀବନ୍ଧ ଆଦି ଛାରଖାର ହୋଇଯାଇଥିଲା। ଜଳସମ୍ପଦ ବିଭାଗର ଯାଜପୁର, ଜାରକା, ଆଉଲ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଖୋର୍ଦ୍ଧା ଓ ବାଲେଶ୍ୱର ଡିଭିଜନର ୩୬ଟି ସ୍ଥାନରେ ସମୁଦାୟ ୧୬୨୫ ମିଟର ଘାଇ ସୃଷ୍ଟି ହୋଇଥିଲା। କେବଳ ଯାଜପୁର ଜିଲାର ୨୫ଟି ସ୍ଥାନରେ ୧୩୧୦ ମିଟର ପର୍ଯ୍ୟନ୍ତ ଘାଇ ସୃଷ୍ଟି ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଥିଲା। ଏହାପରେ ବି ପ୍ରାୟ ପ୍ରତିବର୍ଷ ଛୋଟବଡ ବନ୍ୟା ଲାଗି ରହିଛି। ଏହିକ୍ରମରେ ଓଏସ୍‌ଡିଏମ୍‌ଏର ଆପାଦ ମିତ୍ର ଯୋଜନାକୁ ବନ୍ୟା ଅଞ୍ଚଳବାସୀ ସ୍ୱାଗତ କରୁଛନ୍ତି। ଉକ୍ତ ଯୋଜନାରେ ଚାଲିଥିବା ତାଲିମ ଶିବିରରେ ସ୍ୱେଚ୍ଛାସେବୀମାନେ ୧୨ ଦିନ ପର୍ଯ୍ୟନ୍ତ ରହିବେ। ପ୍ରଥମ ଦିନ ତାଲିମରେ ଶିବିରାର୍ଥୀମାନଙ୍କୁ ୟୁନିଫର୍ମ, ଟୋପି, ହୁଇସିଲ ଆଦି ପ୍ରଦାନ କରାଯିବ। ତାଲିମ ସରିବା ପରେ ଶିବିରାର୍ଥୀମାନଙ୍କୁ ଟ୍ରାଭେଲିଂ ଆଲାଉନ୍ସ ପ୍ରଦାନ କରାଯିବ। ତାଲିମ ସମୟରେ ଗାଇଡ୍‌ଲାଇନ ଅନୁସାରେ ଶିବିରାର୍ଥୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବେ। ସଫଳତାର ସହ ତାଲିମ ଶେଷ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ଜରୁରିକାଳୀନ କିଟ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କିଟ୍ ବନ୍ୟା ସମୟରେ କାମରେ ଲାଗିବ।

ଜିଲାସ୍ତରରେ ୬ରୁ ୯ ବ୍ୟାଚ୍‌ରେ ତାଲିମ ପ୍ରଦାନ କରାଯିବ। ପ୍ରତି ବ୍ୟାଚ୍‌ରେ ପ୍ରାୟ ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରିବେ। ଏଥିରେ ୫୦ ଜଣ ୧୨ ଦିନ ପର୍ଯ୍ୟନ୍ତ ରହିବା ଖର୍ଚ୍ଚ ବାବଦକୁ ୧,୨୦,୦୦୦ଟଙ୍କା, ଖାଦ୍ୟ ପାଇଁ ୧,୬୮,୦୦୦ ଟଙ୍କା, ତାଲିମ କେନ୍ଦ୍ର ଏବଂ ସାଉଣ୍ଡ ଖର୍ଚ୍ଚ ପାଇଁ ୪୮,୦୦୦ ଟଙ୍କା, ପ୍ରମାଣପତ୍ର ବାବଦକୁ ୫,୦୦୦ ଟଙ୍କା, ଖାତା, କଲମ, ପେନସିଲ ଆଦି ବାବଦକୁ ୫,୦୦୦ ଟଙ୍କା, ବ୍ୟାଗ କିଣିବା ବାବଦକୁ ୨୪,୦୦୦ ଟଙ୍କା, ଫଟୋ ଓ ଷ୍ଟେଶନାରୀ ପାଇଁ ୮,୨୦୦ ଟଙ୍କା, ତାଲିମଦାତାଙ୍କ ଫି ୯୬ ୦୦୦ ଟଙ୍କା, ତାଲିମଦାତାଙ୍କ ଟିଏ ବାବଦକୁ ୪୦୦୦ ଟଙ୍କା, ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ ପାଇଁ ୨୦,୦୦୦ ଟଙ୍କା, ତାଲିମ ଓ ଫାଷ୍ଟଏଡ ବାବଦକୁ ୧୦,୦୦୦ ଟଙ୍କା, ସ୍ୱେଚ୍ଛାସେବୀଙ୍କ ଟିଏ ବାବଦକୁ ୯୬୦୦୦ ଟଙ୍କା, ରାଜ୍ୟ ଓ ଜିଲାସ୍ତରରେ ନିରୀକ୍ଷଣ ପାଇଁ ୨୦,୦୦୦ ଟଙ୍କା, ଫଟୋଗ୍ରାଫି ପାଇଁ ୫ ହଜାର ଖର୍ଚ୍ଚ ହେବ। ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଯାଜପୁର, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନୟାଗଡ଼ ଓ ରାୟଗଡା ଜିଲାରେ ଏହି ଯୋଜନା ଆରମ୍ଭ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଆପାଦ ମିତ୍ର ଯୋଜନାରେ ସୋମବାର ବିରଜା ମଣ୍ଡପ ଠାରେ ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ବନ୍ୟା ସମୟରେ ଏହି ସ୍ୱେଚ୍ଛାସେବୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଜରୁରିକାଳୀନ ସୂଚନା ଦେବା ସହ ବନ୍ୟା ବିପନ୍ନଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ।

**ଓଏସ୍‌ଡିଏମ୍‌ଏ ପକ୍ଷରୁ ନୂଆ ଯୋଜନା**
- ୪୪୦୦ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ଚିହ୍ନଟ
- ୧୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ
- ପ୍ରତି ପର୍ଯ୍ୟାୟ ତାଲିମ ପାଇଁ ଖର୍ଚ୍ଚ ହେବ ୬,୨୯,୨୦୦



ଯାଜପୁର ବିରଜା ମଣ୍ଡପରେ ତାଲିମ ଗ୍ରହଣ କରିଥିବା ଆପାଦ ମିତ୍ର।

## ସଂକ୍ଷେପରେ

### କ୍ରେନ୍ ଅପରେଟରଙ୍କୁ ଗୁଳି
**କାରଣ ଅସ୍ପଷ୍ଟ, ତଦନ୍ତ ଜାରି**



**ଢେଙ୍କାନାଳ ଅଫିସ,୧୪।୧୧:** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଟାଟାଷ୍ଟିଲ୍ ମେରାମଣ୍ଡଳୀ ନିକଟ ତାଳବାହାଳି ରାସ୍ତାପାର୍ଶ୍ୱରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜଣେ କ୍ରେନ୍ ଅପରେଟରଙ୍କୁ ଗୁଳିମାଡ଼ ହୋଇଛି। ଏଥିରେ ଗୁରୁତର ହୋଇଛନ୍ତି ଟାଟାଷ୍ଟିଲ୍ କମ୍ପାନୀରେ ନିୟୋଜିତ ଠିକାସଂସ୍ଥା ରାକେଶ କଶ୍ୟପ ଆଣ୍ଡ୍ କମ୍ପାନୀର ରବି କୁମାର। ତାଙ୍କର ବାମପଟ ମୁଣ୍ଡ ଓ ଆଖିପତାକୁ ଗୁଳି ବାଜିଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ କିଏ ଏବଂ କେଉଁ କାରଣରୁ ତାଙ୍କୁ ଗୁଳମାଡ଼ କରିଛି ତାହା ଅସ୍ପଷ୍ଟ ରହିଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ରବି କୁମାର ମଧ୍ୟାହ୍ନ ୧୨ଟାରେ କମ୍ପାନୀରୁ କାମସାରି ମୁଖ୍ୟ ଫାଟକ ପାର୍ଶ୍ୱ ତଳବାହାଳି ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ କେହି ଜଣେ ତାଙ୍କୁ ଅତି ନିକଟରୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ରବି କୁମାର ରାସ୍ତାରେ ପଡ଼ିଥିବା ସୂଚନା ପାଇ ଠିକାସଂସ୍ଥା ପକ୍ଷରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗୁଳିମାଡ଼ର କାରଣ ଅସ୍ପଷ୍ଟ ଥିବାବେଳେ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚି ପାରିନାହିଁ। ଅନ୍ୟପଟେ ଚିକିତ୍ସା ସମୟରେ ରବି କୁମାରଙ୍କ ମୁଣ୍ଡରେ ଗୁଳି ରହିଥିବା ଜଣାପଡ଼ିଛି। ତାଙ୍କର ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ କଣ୍ଟାବଣିଆ ଥାନାରେ ନଂ. ୧୨୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

### ବ୍ୟବସାୟୀଙ୍କଠାରୁ ୧୪.୯୩ ଲକ୍ଷ ଲୁଟ୍

**ରାଉରକେଲା ଅଫିସ,୧୪।୧୧:** ରାଉରକେଲା ଉଦିତନଗର ଥାନା ଆର୍‌ଏମ୍‌ସି ଅଫିସ ନିକଟ ରିଂରୋଡ୍‌ରେ ସୋମବାର ଜଣେ ବ୍ୟବସାୟୀଙ୍କଠାରୁ ୧୪.୯୩ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୯୮।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ସେକ୍ଟର-୬ ଅଞ୍ଚଳର ପ୍ରଶାନ୍ତ କୁମାର ବିଶ୍ୱାଳ ଉଦିତନଗର ସ୍ଥିତ ଏକ ୱାଇନ୍‌ସପ୍‌ରେ କାର୍ଯ୍ୟ କରନ୍ତି। ଗତ ୩ଦିନ ତଳେ ମାଲିକଙ୍କ ଅନ୍ୟ ୱାଇନ୍‌ସପ୍‌ରୁ କଲେକ୍‌ଶନ କରିଥିବା ଟଙ୍କାକୁ ସେ ବ୍ୟାଙ୍କରେ ଡିପୋଜିଟ୍ କରିବା ପାଇଁ ପାଖରେ ରଖିଥିଲେ। ସୋମବାର ସକାଳ ସାଢ଼େ ୮ଟାରେ ସେ ଏକ ବାଇକ ଯୋଗେ ୧୪ ଲକ୍ଷ ୯୩ ହଜାର ଟଙ୍କା ଧରି ମାଲିକଙ୍କୁ ହିସାବ ଦେବା ପାଇଁ ୱାଇନ୍ ସପ୍ କାର୍ଯ୍ୟାଳୟକୁ ଆସୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ରାସ୍ତାମଝିରେ ଟଙ୍କା ବ୍ୟାଗ୍‌କୁ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ପ୍ରଶାନ୍ତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଅଭିଯୁକ୍ତଙ୍କୁ ପୋଲିସର ଏନ୍‌କାଉଣ୍ଟର
**ଯୁବକଙ୍କୁ ଗୁଳି କରି ହତ୍ୟା ଘଟଣା**

**ରାଉରକେଲା ଅଫିସ,୧୪।୧୧**

ଜମିବାଡ଼ି ବିବାଦରୁ ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଝରିଆକୋଚା ବସ୍ତିର ବାଞ୍ଛାନିଧି ତନ୍ତୀ(୪୨)ଙ୍କୁ ଗୁଳି ମାରି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଅଜିତ ଓରାମ ଓରଫ ଚୁମକୁଙ୍କୁ ପୋଲିସ ସୋମବାର ଏନ୍‌କାଉଣ୍ଟର କରିଛି। ତାଙ୍କୁ ରାଉରକେଲା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପୋଲିସ କହିଛି। ଅଜିତଙ୍କଠାରୁ ଏକ ୯ ଏମ୍‌ଏମ୍ ପିସ୍ତଲ ସହ ୩ଟି ଅଫୁଟା ଗୁଳି ଜବତ କରାଯାଇଛି। ଅନ୍ୟପକ୍ଷେ ହତ୍ୟା ଘଟଣାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ସୂଚନା ଅନୁସାରେ, ବାଞ୍ଛାନିଧି ଝରିଆକୋଚା ବସ୍ତିରେ କିଛି ଅନାବାଦି ଜାଗା ଜବରଦଖଲ କରିବାକୁ ନେଇ ବହୁବର୍ଷ ହେଲା ଅଜିତ ଓ ବାଞ୍ଛାନିଧିଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ରବିବାର ସକାଳେ ବାଞ୍ଛାନିଧି ଘର ପାଖରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇ ଯାଇଥିଲେ। ସେଥିରୁ ଗୋଟିଏ ଗୁଳି ବାଞ୍ଛାନିଧିଙ୍କ ଦେହରେ ବାଜିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ଅଜିତ ଜଲଦା ଫାଣ୍ଡି ଅନ୍ତର୍ଗତ ହାତିବନ୍ଧା ଜଙ୍ଗଲରେ ଲୁଚି ରହିଥିଲେ। ରଘୁନାଥପାଲି ପୋଲିସ ଓ ଝିରପାଣି ପୋଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଜଙ୍ଗଲରେ ଅପରେଶନ କରୁଥିବାବେଳେ ହଠାତ ଅଜିତ ପୋଲିସ ଉପରକୁ ଆଖିବୁଜା ଗୁଳି ଚାଳନା କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ଅଜିତଙ୍କ ଡାହାଣ ଗୋଡରେ ଗୁଳି ବାଜିଥିଲା। ଫଳରେ ସେ ଦୌଡି ନ ପାରି ଜଙ୍ଗଲ ମଝି ରାସ୍ତାରେ ପଡିଯାଇଥିଲେ। ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରିଜିଏଚ୍‌ରେ ଭର୍ତ୍ତି କରିଛି। ସେଠାରେ ପୋଲିସ ହେପାଜତରେ ତାଙ୍କର ଚିକିତ୍ସା କରାଯାଉଛି।

# ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବାକୁ ଆହ୍ୱାନ



ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ମହୋତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

**ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଘାଟିତ**

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୨' ସୋମବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାକୁ ଉଦ୍‌ଘାଟନ କରି କହିଲେ, ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ଏହା ଏକ ସୁନ୍ଦର ପ୍ରୟାସ ଓ ବିଭାଗର ଏକ ବିକଶିତ କାର୍ଯ୍ୟକ୍ରମ। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ଶିଶୁଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବ। ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିଲେ ଦେଶ ପ୍ରଗତି କରିପାରିବ ବୋଲି ସେ ପ୍ରକାଶ କରିଥିଲେ।

ବିଭାଗୀୟ ଶାସନ ସଚିବ ଅଶ୍ୱଥୀ. ଏସ୍ କହିଲେ, ପିଲାଙ୍କୁ ଏକ ଆନନ୍ଦମୟ ପରିବେଶରେ ଶିକ୍ଷାଦାନ ଦ୍ୱାରା ସେମାନଙ୍କ ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇଥାଏ। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଶିକ୍ଷାୟତନର ମୂଳଲକ୍ଷ୍ୟ। ଏହାକୁ ସଫଳ କରିବାକୁ ହେଲେ ଆମ ସମସ୍ତଙ୍କୁ ଏକାଠି ହୋଇ ସହଯୋଗ ଓ ସହମତି ଭିତ୍ତିରେ କାର୍ଯ୍ୟ କରିବାକୁ ପଡ଼ିବ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ସ୍ୱାଗତ ଭାଷଣ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ପ୍ରଥମ ଦିନରେ କୃତିତ୍ୱ ଅର୍ଜନ କରିଥିବା ସୃଜନଶୀଳ ଲିଖନ ପାଇଁ ୭ଜଣ, ଚିତ୍ରାଙ୍କନ ନିମନ୍ତେ ୭ ଜଣ ଏବଂ ଶ୍ରୁତଲିଖନ ଓ ହସ୍ତାକ୍ଷର ପାଇଁ ୩ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ବର୍ଜ୍ୟବସ୍ତୁରୁ ସୃଜନୀ କଳା, ମନର ଚିତ୍ରକୁ ମାଟିରେ ରୂପଦେବା, ଚିତ୍ରକଳା, ଧନ୍ଦାମୂଳକ ଶିକ୍ଷା ଇତ୍ୟାଦି ଉପରେ କର୍ମଶାଳା କରାଯାଇଛି। ଏହାବ୍ୟତୀତ ପିଲାଙ୍କ ପାଇଁ ଶିକ୍ଷା ସମ୍ପର୍କିତ ୨୪ଟି ପ୍ରଦର୍ଶନୀ କେନ୍ଦ୍ର ରହିଛି। ରାଜ୍ୟର ୩୦ ଜିଲାରୁ ପ୍ରତି ବିଭାଗ ପାଇଁ ଜଣେ ଲେଖାଏ ଛାତ୍ରୀଛାତ୍ର ମନୋନୀତ ହୋଇ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ତିନିଦିନିଆ ରାଜ୍ୟସ୍ତରୀୟ ଉତ୍ସବରେ ବିଭିନ୍ନ ଜିଲାରୁ ଆସିଥିବା ସାଂସ୍କୃତିକ ଦଳ ଦ୍ୱାରା ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

## ମୁଖ୍ୟମନ୍ତ୍ରୀଙ୍କ ନାମରେ ଜମି ଦୁର୍ନୀତି ମାମଲା

**କଟକ ଅଫିସ,୧୪।୧୧**

ଭୁବନେଶ୍ୱର ଭୀମପୁର ମୌଜାରେ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨ ଏକର ୧୩୩ ଡେସିମିଲ ଜମିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଭଉଣୀ ଗୀତା ମେହେଟାଙ୍କ ନାମରେ ବେଆଇନ ଭାବେ ପଟ୍ଟାଭୁକ୍ତ କରାଯାଇଛି। ଏହି ଜମି ଦୁର୍ନୀତି ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏୟାରପୋର୍ଟ ଥାନାରେ ଏତଲା ଦିଆଯାଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ପରିଷଦ ଏନେଇ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପୋଲିସକୁ ମାମଲା ରୁଜୁ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନରେ ଅନୁରୋଧ କରାଯାଇଥିବା ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହିମାମଲାରେ ପ୍ରମୁଖ ଶାସନ ସଚିବ, ଗୃହ ବିଭାଗ, ଭୁବନେଶ୍ୱର ଡିସିପି ଏବଂ ଏୟାରପୋର୍ଟ ଥାନାର ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# ୪ ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ



ଧନଙ୍କ ମୃତଦେହ ଶ୍ମଶାନକୁ ନିଆଯାଉଛି।

**ମାଲିପଦର ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା**

**ମାଥିଲି,୧୪।୧୧ (ଡି.ଏନ.ଏ.)**

କୋରାପୁଟ ଜିଲା ମାଳିପଦର ଜଙ୍ଗଲରେ ଗତ ୧୦ ତାରିଖରେ ହୋଇଥିବା ଏନକାଉଣ୍ଟରରେ ମାଲକାନଗିରି ଜିଲାର ମୃତ ଧନ କମାରଙ୍କ ପରିବାର ଲୋକେ ଓ ସର୍ଗିଗୁଡା ଗ୍ରାମବାସୀ ନ୍ୟାୟ ପାଇଁ ରବିବାରଠାରୁ ମାଲକାନଗିରି-ଜୟପୁରକୁ ସଂଯୋଗ କରୁଥିବା ୩୨୬ ନଂ. ଜାତୀୟ ରାଜପଥର କତାମେଟା ଗ୍ରାମ ନିକଟରେ ରାସ୍ତା ଅବରୋଧ କରିଥିଲେ। ସାମାଜିକ କର୍ମୀ ଶରତ ବୁରଦା ମଧ୍ୟ ଆନ୍ଦୋଳନକାରୀଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଯେତେ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଆନ୍ଦୋଳନରୁ ହଟି ନ ଥିଲେ। ରାତିରେ ମଧ୍ୟ ଗ୍ରାମବାସୀ ଧାରଣା ଜାରି ରଖିଥିଲେ। ଭୋର ୪ଟାରେ ମାଲକାନଗିରି ପୋଲିସ ସାମାଜିକ କର୍ମୀ ବୁରୁଦା, ଧନ ଧରମା, ସନ୍ତୋଷ କାଲାକୁରା ଓ ବନମାଳି କାଲାକୁରାଙ୍କୁ ଉଠାଇ ନେଇଥିଲା। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ବିରୋଧରେ ପୋଲିସ ଦଫା ୩୪୧, ୧୪୭, ୭୪୬, ୨୯୪, ୩୫୩, ୫୦୬, ୧୪୯ ଲଗାଇଥିବା ଜଣାପଡ଼ିଛି। ଧନଙ୍କ ସମ୍ପର୍କୀୟ, ଗ୍ରାମବାସୀ ଏବଂ ଶରତ ବୁରୁଦାଙ୍କୁ ମାଲକାନଗିରି ପୋଲିସ ଉଠାଇ ନେଇଥିବା ଜଣାପଡ଼ିଛି। ଗତକାଲି ମାଲକାନଗିରି ପୋଲିସ ସର୍ଗିଗୁଡା ଗ୍ରାମରେ ପହଞ୍ଚି ପରିବାର ତଥା ଗ୍ରାମବାସୀଙ୍କୁ ମୃତଦେହ ଆଣିବା ପାଇଁ ବୁଝାଇଥିଲା। ମାତ୍ର ଧନ ମାଓବାଦୀ ନୁହନ୍ତି, ଜଣେ ଶ୍ରମିକ। ତାଙ୍କୁ ନ୍ୟାୟ ଦେବାକୁ ଗ୍ରାମବାସୀ ଦାବିକରିଥିଲେ। ଅନ୍ୟପକ୍ଷରେ ସୋମବାର ଧନଙ୍କ ମୃତଦେହ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଜ ଗ୍ରାମ ସର୍ଗିଗୁଡ଼ାରେ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମରଶରୀରକୁ ଶ୍ମଶାନକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଧନଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଧନଙ୍କ ୧୦ ବର୍ଷର ପୁଅ ରହିଛି। ମୋ ବାପା ମାଓବାଦୀ ନୁହନ୍ତି, ପୋଲିସ ତାଙ୍କୁ ଗୁଳି କରି ମାରି ଦେଇ ମାଓବାଦୀ ଆଖ୍ୟା ଦେଇଛନ୍ତି ବୋଲି ସେ କହିଛନ୍ତି।

**ମାଓବାଦୀଙ୍କ କୋରାପୁଟ, ମାଲକାନଗିରି ବନ୍ଦ ଡାକରା**

**ମାଲକାନଗିରି,୧୪।୧୧ (ଡି.ଏନ.ଏ./ସ୍ୱ.ପ୍ର.)**

କୋରାପୁଟ ଜିଲା ମାଳିପଦର ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟଣାରେ ଯବାନଙ୍କ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଉଥିବା ବେଳେ ସୋମବାର ଏହାକୁ ବିରୋଧ କରି ମାଓବାଦୀ ସଙ୍ଗଠନ ମୁହଁ ଖୋଲିଛି। ସଙ୍ଗଠନ ପକ୍ଷରୁ ଏହା ଏକ ମିଥ୍ୟା ଏନକାଉଣ୍ଟର। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମାଓବାଦୀ ସଙ୍ଗଠନ ଏକ ପ୍ରେସ ବିଜ୍ଞପ୍ତିରେ ଦାବି କରିଛି। ଏନେଇ ଆସନ୍ତା ୧୮ ତାରିଖରେ ମାଲକାନଗିରି ଓ କୋରାପୁଟ ଜିଲା ବନ୍ଦ ଡାକରା ଦିଆଯାଇଛି ବୋଲି ମାଲକାନଗିରି-କୋରାପୁଟ ସୀମା ମାଓବାଦୀ ଡିଭିଜନ କମିଟିର ସଚିବ ରାକେଶ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯେ, ମାଳିପଦରଠାରେ ପୋଲିସର ମିଥ୍ୟା ଏନକାଉଣ୍ଟରରେ ୨ଜଣ ନିରୀହ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାକୁ ମାଓବାଦୀ ସଙ୍ଗଠନ ଦୃଢ଼ ନିନ୍ଦା କରୁଛି। ଏହାର ତୁରନ୍ତ ତଦନ୍ତ ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଗତ ୧୦ ତାରିଖରେ ବୈପାରିଗୁଡା ଥାନା ମାଳିପଦର ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଦେଖି ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ଏହାର ପାଲଟା ଜବାବ ଦେଇଥିଲା।

# ପିଏମ୍‌ଭିଆଇ ଅଧିକାରୀଙ୍କୁ ଉଠାଇଲା ସିବିଆଇ

**ବ୍ରହ୍ମପୁରରେ ଜନଔଷଧି କେନ୍ଦ୍ର ପାଇଁ ଲାଞ୍ଚ**

**ବ୍ରହ୍ମପୁର ଅଫିସ,୧୪।୧୧**

ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରପାଇଁ ଜନୈକ ନୋଡାଲ ଅଫିସର ଲାଇସେନ୍ସ ଦେବାକୁ ଜଣେ ଦୋକାନୀଙ୍କୁ ଲାଞ୍ଚ ମାଗିଥିଲେ। ଏହାକୁ ଆଧାରକରି ବ୍ରହ୍ମପୁରରେ ସୋମବାର ସିବିଆଇ ଚଢ଼ାଉ କରିଛି। କେନ୍ଦ୍ର ସରକାରଙ୍କ ଫାର୍ମାସ୍ୟୁଟିକାଲ୍ ଆଣ୍ଡ୍ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ(ପିଏମ୍‌ଭିଆଇ)ର ନୋଡାଲ ଅଫିସର୍ ସ୍ୱରୂପ ପଣ୍ଡାଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରପାଇଁ ଲାଇସେନ୍ସ ପ୍ରଦାନ କରିବା ନିମନ୍ତେ ଲାଞ୍ଚ ନେଉଥିବା ଅଭିଯୋଗରେ ସିବିଆଇ ତାଙ୍କୁ ଧରିଥିବା ସୂଚନା ମିଳିଛି। ସିବିଆଇ ଟିମ୍ ନୋଡାଲ ଅଫିସର୍ ସ୍ୱରୂପଙ୍କୁ ଭୁବନେଶ୍ୱର ନେଇ ସେଠାରେ ଜେରା କରିବ ବୋଲି ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଖୋଲାଯାଇ ଜେନେରିକ୍ ଔଷଧ ପ୍ରଦାନ କରାଯାଉଛି।

ପ୍ରକାଶ ଯେ, ଜନଔଷଧି କେନ୍ଦ୍ର କରିବାପାଇଁ କୁକୁଡ଼ାଖଣ୍ଡିର ନାଇଡୁଦିବାକର ଆବେଦନ କରିଥିଲେ। ଏଥିପାଇଁ ପିଏମ୍‌ଭିଆଇର ନୋଡାଲ ଅଫିସର୍ ତାଙ୍କୁ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଏନ. ଦିବାକର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସେ ନେଇ ସିବିଆଇ ଟିମ୍ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ସିବିଆଇ ଭୁବନେଶ୍ୱର ୟୁନିଟର ଏକ ଟିମ୍ ବ୍ରହ୍ମପୁର ଆସିଥିଲା। ଅଧିକାରୀ ଏ.କେ. ନନ୍ଦଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହରିକୃଷ୍ଣନଗରରେ ରହୁଥିବା ନୋଡାଲ ଅଫିସର୍ ସ୍ୱରୂପଙ୍କ ଘରେ ଚଢ଼ାଉ କରିଥିଲା। ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଟିମ୍ ତାଙ୍କୁ ଉଠାଇ ଭୁବନେଶ୍ୱର ନେଇଥିବା ସୂଚନା ମିଳିଛି। ଏ ନେଇ ସିବିଆଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।






## ଅମଲା ସଂଘର ବୈଠକ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ କଲେଜ ପରିସରରେ ବ୍ଲକସ୍ତରୀୟ ଅମଲା ସଂଘର ବୈଠକ ମାଧବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅମଲାମାନଙ୍କ ବିଭିନ୍ନ ସମସ୍ୟା ସହ ଗ୍ରେଡ ପେ ବୃଦ୍ଧି ଦାବି ନେଇ ଆଲୋଚନା ହୋଇଥିଲା। ହାଇସ୍କୁଲରେ କାର୍ଯ୍ୟରତ ଅମଲାଙ୍କ ଦରମା ବୃଦ୍ଧି ପାଇଁ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନରେ ସଂଘ ଯୋଗ ଦେବ ବୋଲି ନିଷ୍ପତି ହୋଇଥିଲା। ବୈଠକରେ କାହ୍ନୁ ଚରଣ ସାହୁ , ଅକ୍ଷୟ ସାହୁ, ଦିଲୀପ ମେହେର ପ୍ରମୁଖ ଯୋଗଦେଇଥିଲେ।

# ଘୃଣା ଛାଡ଼, ରୋଜଗାର ଦିଅ

### ବଲାଙ୍ଗୀର ପହଞ୍ଚିଲା ସମ୍ବିଧାନ ବଞ୍ଚାଅ ପଦଯାତ୍ରା

ବଲାଙ୍ଗୀର ଅଫିସ, ୧୪।୧୧

ପ୍ରସିଦ୍ଧ ପର୍ଯ୍ୟଟନ ଏବଂ ଧର୍ମପୀଠ ହରିଶଙ୍କରଠାରୁ ବିଭିନ୍ନ ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ଗତ ୧୧ ତାରିଖରୁ ବାହାରିଥିବା ସମ୍ବିଧାନ ବଞ୍ଚାଅ ପଦଯାତ୍ରା ସୋମବାର ବଲାଙ୍ଗୀର ପହଞ୍ଚିଥିଲା। ଏହି ପଦଯାତ୍ରା ଧୁମାମରାଠାରେ ସହରକୁ ପ୍ରବେଶ କରିବା ପରେ ସେଠାରୁ ଭୀମ ଭୋଇ ମେଡିକାଲ କଲେଜ ଛକ, ଲାଲଟିକ୍ରା, ଶାନ୍ତିପଡା, କଲେଜ ଛକ, ସିଭିଲ କୋର୍ଟ ଦେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା।

ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ରାଜ୍ୟ ଆବାହକ ତ୍ରିଲୋଚନ ପୁଞ୍ଜିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟର ଆଗଧାଡି ସାମାଜିକକର୍ମୀ ତଥା ଗ୍ରୀନ୍ ନୋବେଲ ବିଜେତା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସାହାରା ପାୱାର ପ୍ଲାଣ୍ଟ ବିରୋଧୀ ମଞ୍ଚ ଆବାହକ ବାଳକଷ୍ଣ ଷାଣ୍ଡ, ଆଦିବାସୀ ନେତା ଦ୍ୱିଜ ଦଳପତି, ଯଥା



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ବିଧାନ ବଞ୍ଚାଅ ପଦଯାତ୍ରୀ ଦଳ।

ବିଶ୍ୱାଳ, ଓବିସି ମଞ୍ଚର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଲୋୟର ସୁକ୍ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦ ସମ୍ପାଦକ ସତ୍ୟ ବନ୍ଛୋର, ବହୁଜନ ପରିବାର ନେତା ଦୌଣ କୁମ୍ଭାର, ଭିଆଇପି ପାର୍ଟି ସଭାପତି ଡ ବିପିନ କୁଶଲିଆ, ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆରଟିଆଇ କର୍ମୀ ନୀଳମଣି ଯୋଷୀ ଓ ଅନ୍ୟମାନେ ସାମିଲ ହୋଇଥିଲେ।

ସାମାଜିକ କର୍ମୀ ସାମନ୍ତରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶରେ ଧର୍ମ, ଜାତି ନାଁରେ ଲୋକଙ୍କୁ ଭାଗ ଭାଗ କରାଯାଉଛି। ପରସ୍ପର ପ୍ରତି ଘୃଣାଭାବ ସୃଷ୍ଟି କରାଯାଉଛି। ଏଥିରେ ଖୋଦ୍ ସରକାର ସାମିଲ ହେବା ଦ୍ୱାରା ଦେଶର ଏକତା ଏବେ ବିପଦରେ ରହିଛି। ସମ୍ବିଧାନ ଅସୁରକ୍ଷିତ ହୋଇପଡିଛି। ସମ୍ବିଧାନର ଶାସନ ନକରି ସରକାର ଭୋଟ ସର୍ବସ୍ୱ ରାଜନୀତି କରୁଛନ୍ତି। ପରସ୍ପର ଭିତରେ ଜାତି, ଧର୍ମକୁ ନେଇ ବିଦ୍ୱେଷ ଭରୁଛନ୍ତି। ଚାଷୀକୁ ପାଣି ଏବଂ ଉତ୍ପାଦନର ଉଚିତ୍ ମୂଲ୍ୟ ଦେବା, ବେକାର ଯୁବତୀ ଯୁବକଙ୍କୁ ଚାକିରୀ ଦେବା ଛାଡି ସେମାନଙ୍କ ଭିତରେ ବିଦ୍ୱେଷ ଓ ଘୃଣା ଭର୍ତ୍ତି କରି ପରସ୍ପରକୁ ଲଢ଼ିବାକୁ ଉସୁକାଉଛନ୍ତି। ଏଭଳି ସମୟରେ ଦେଶର ବୁଦ୍ଧିଜୀବୀ ଏବଂ ଜନସାଧାରଣ ସଚେତନ ହୋଇ ପରସ୍ପର ଘୃଣା ଛାଡି ସମ୍ବିଧାନ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉଚିତ୍ ବୋଲି ସେ କହିଥିଲେ। ସଭାରେ ଜଙ୍ଗଲ, ଜମି, ଜଳ ସୁରକ୍ଷା ଦିଗରେ ଲୋକେ ସଚେନତ ହେବା ଉଚିତ୍ ବୋଲି କହିଥିଲେ। ସରକାର କର୍ପୋରେଟ କମ୍ପାନୀ ହାତକୁ କିଭଳି ଜମି, ଜଙ୍ଗଲ ଓ ଜଳ ଟେକି ଦେଇ ସମଗ୍ର ମାନବସତ୍ତାକୁ ବିପଦଜନକ ସ୍ଥିତିରେ ପହଞ୍ଚାଇଛି ତାହା ସେ କହିଥିଲେ। ସଭାରେ ସଭାପତି ପୁଞ୍ଜି, ସତ୍ୟ ବନଛୋର, ଲକ୍ଷ୍ମୀ ପଟ୍ଟନାୟକ ବକ୍ତବ୍ୟ ଦେଇ ସମ୍ବିଧାନ ସୁରକ୍ଷା, ଜଳ ଜଙ୍ଗଲ ଜମି ତଥା ପରିବେଶ, ଜୀବନଜୀବିକା, ପ୍ରକୃତି, ମାନବ ଧର୍ମ, ନ୍ୟାୟ ଓ ସମତା ପ୍ରତିଷ୍ଠା ଏବଂ ସୁରକ୍ଷା ଦିଗରେ କାମ କରିବା ଦିଗରେ କହିଥିଲେ। ଏହି ପଦଯାତ୍ରାରେ ଜିଲାର ୨୪ଟି ଜନ ଆନ୍ଦୋଳନର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଶିଶୁ ଦିବସରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା

ସଇଁତଲା,୧୪।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ଜିତେନ୍ଦ୍ରୀୟ ସାହୁ ପ୍ରଦୀପ ପ୍ରଜ୍ୱଳନ, ଚୂଡ଼ାମଣୀ ମହାଲିଙ୍ଗ ମଞ୍ଚ ପରିଚାଳନା କରିଥିଲେ। ସସ୍ମିତା ଚାନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟରେ ଆୟୁଷୀ ମିଶ୍ର ପ୍ରଥମ, ପଲିତା ବରଗର୍ତ୍ତି ଓ ବବିତା ବରଗର୍ତ୍ତି ଦ୍ୱିତୀୟ, ବନ୍ଦିତା ସ୍ୱାଇଁ ଓ ଶୃତିରାଣୀ ପଟେଲ ତୃତୀୟ ହୋଇଥିଲେ। ସେହିପରି ସଙ୍ଗୀତରେ ଡ଼ଲି ବରଗର୍ତ୍ତି ପ୍ରଥମ, ଅଖିଳେଶ ବେହେରା ଦ୍ୱିତୀୟ, ଲିପ୍ସା ମିଶ୍ର ତୃତୀୟ ହୋଇଥିଲେ।

### ଶିଶୁ ଦିବସରେ ବକ୍ତୃତା ପ୍ରତିଯୋଗିତା

ଲୋଇସିଂହା,୧୪।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମାନଭଞ୍ଜନ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମୁଖ୍ୟଅତିଥି ବହିଦାର କହିଥିଲେ । ଗୁରୁମା ସୁନୀତା କର,ଗୁରୁଜୀ କୁନା ବେହେରା ଏହି ଅବସରରେ ବକ୍ତବ୍ୟ ରଖିଥିଲେ । ସରାନନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦନ କରିଥିଲେ। ପରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସେହିପରି ଶିଶୁ ବଟିକା ବିଭାଗ ପ୍ରମୁଖ ରଞ୍ଜୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶିଶୁ ଶିବର ଅନୁଷ୍ଠିତ ହୋଇଥିଲା ।

### ମହାପୁରୁଷଙ୍କ ବେଶରେ ସଜ୍ଜିତ ହେଲେ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରମାନେ ବିଭିନ୍ନ ମହାପୁରୁଷ ବେଶରେ ସଜ୍ଜିତ ହୋଇଛନ୍ତି।

କଣ୍ଟାବାଞ୍ଜି,୧୪।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଥିବା ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ସୋମବାର ଶିଶୁ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟନରତ ଛାତ୍ରୀଛାତ୍ରଣ୍ଟମାନେ ବିଭିନ୍ନ ମହାପୁରୁଷଙ୍କ ବେଶରେ ସଜ୍ଜିତ ହୋଇ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଏଡି ଅବସରରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ପିଲାମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

## ଆନ୍ତଃଜିଲା ଫୁଟ୍‌ବଲ: ବାହାବଲ ଚାମ୍ପିୟନ

ଖଡ଼ିଆଲ,୧୪।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ଗେମ ଓ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଭୋଜପୁର ହାଇସ୍କୁଲ ପଡିଆଠାରେ ଚାଲିଥିବା ୨୩ତମ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ବଡ଼ମାଳ ବଲାଙ୍ଗୀର ଓ ବାହାବଳ ପାଟଣାଗଡ଼ ମଧ୍ୟରେ ହୋଇଥିଲା। ପେନାଲଟି ଜରିଆରେ ୬-୫ ଗୋଲରେ ବାହାବଳ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବାହାବଳ ଦଳର ଅଜ୍ଜୁ ବେଷ୍ଟ ସ୍କୋରର, ବେଷ୍ଟ ଡିଫେଣ୍ଡର୍ ଦେବା ବେହେରା, ବଡ଼ମାଳର ଜିତେନ୍ଦ୍ର ବାଗଙ୍କୁ ବେଷ୍ଟ ଗୋଲକିପର୍ ଭାବେ ପୁରସ୍କୃତ ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡିଆଳ ଏନ୍ଏସି ଅଧକ୍ଷ ଉଜ୍ୱଳ ଗୁପ୍ତା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ, ଭୋଜପୁର କୃଷି ସମବାୟ ସମିତି ସମ୍ପାଦକ ଥବୀର ତାଣ୍ଡି, ପୂର୍ବତନ ଖେଳାଳି ମନ୍ଦର କଟା, ମୋହୀତେନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇଥିଲେ। ଶୁସାନ୍ତ କୁମାର ସାଇଁ, ଡଗ୍ରେସର ହାତୀ ଓ ଲିଲୁ ଭୋଇ ଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ମାନସ ରଞ୍ଜନ ପଟେଲ ଓ ସଦାଶିବ ମହାପାତ୍ର ପ୍ରଦାନ କରିଥିଲେ।

## ଡିଜିଟାଲ ଇ କଣ୍ଟେଣ୍ଟର ଶୁଭାରମ୍ଭ


ଡିଜିଟାଲ ଇକଣ୍ଟେଣ୍ଟର ଶୁଭାରମ୍ଭ ସଭାରେ ମଞ୍ଚାସୀନ ଅତିଥି।

### ଓଡିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷଣ ବିକାଶ

ବଲାଙ୍ଗୀର ଅଫିସ, ୧୪।୧୧

ବଲାଙ୍ଗୀର ପଥରଚେପା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ସୋମବାର ଶିଶୁଦିବସରେ ଜିଲାର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ବିକାଶ ନିମନ୍ତେ ଡିଜିଟାଲ ଇକଣ୍ଟେଣ୍ଟର ଶୁଭାରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାପାଳ ଜିଲାର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ନିମନ୍ତେ ଏକ୍ସଟ୍ରା ମାର୍କ୍ସ ଏଜୁକେଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରସ୍ତୁତ ଡିଜିଟାଲ ଇ-କଣ୍ଟେଣ୍ଟ ସହାୟକ ହେବ ବୋଲି କହିଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ଡିଜିଟାଲ ଇକଣ୍ଟେଣ୍ଟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲାପାଳ ରାଣା ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏକ୍ସଟ୍ରା ମାର୍କ୍ସ ଏଜୁକେଶନ ପ୍ରାଇଭେଟ ଲିମିଟେଡ ଆଞ୍ଚଳିକ ମୁଖ୍ୟ ପିୟୁଷ ପ୍ରଶାନ୍ତ ଡିଜିଟାଲ ଇ କଣ୍ଟେଣ୍ଟ ମାଧ୍ୟମରେ ଶିକ୍ଷାଦାନ କିପରି ଫଳପ୍ରଦ ହେବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ଜିଲାର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ, ଭାରପ୍ରାପ୍ତ ଅଧକ୍ଷ, ଏକ୍ସଟ୍ରା ମାର୍କ୍ସ ଏଜୁକେଶନ ପ୍ରାଇଭେଟ ଲିମିଟେଡର ଦିବ୍ୟକାନ୍ତ ପୃଷ୍ଟି, ନେହା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

ଲୋଇସିଂହା, ୧୪।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଳିଉଡ଼ାର-ଫଟାବାହାଲ ରାସ୍ତାରେ ସୋମବାର ରାତିରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚନ୍ଦନଭାଟି ଗ୍ରାମର ପଞ୍ଚା ମେହେର। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପଞ୍ଚା କୌଣସି କାମରେ ତଳିଉଡାରରୁ ଘରକୁ ଫେରୁଥିଲେ। ସାମ୍ନା ପଟରୁ ଆସୁଥିବା କୁଶଙ୍ଗ ଗ୍ରାମର ୩ଜଣ ଯୁବକ ବାଇକରେ ଆସୁଥିଲେ। ହେଲେ ତଳିଉଡ଼ାର ପଞ୍ଚାୟତ ବଛାରବନ୍ଧ ନିକଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଚନ୍ଦନଭାଟି ଫାଣ୍ଡି ପୋଲିସ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଛି।

## ବଲାଙ୍ଗୀର ଡେଲିମାର୍କେଟରେ ଜବରଦଖଲ ଉଚ୍ଛେଦ

ବଲାଙ୍ଗୀର ଅଫିସ, ୧୪।୧୧

ବଲାଙ୍ଗୀର ସହର ବ୍ୟସ୍ତବହୁଳ ଡେଲିମାର୍କେଟ ରାସ୍ତାରେ ସୋମବାରଠାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ବିକ୍ରମ ଛକରୁ ସମଲେଶ୍ୱରୀ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ଉଭୟ ପଟରୁ ଜବରଦଖଲ ହଟାଯିବ। ରାସ୍ତାକଡରେ ଥିବା ମ୍ୟୁନିସିପାଲିଟି ଷ୍ଟଲଗୁଡିକ ସମ୍ମୁଖରେ ବେଆଇନ ନିର୍ମାଣ କରାଯାଇ ରାସ୍ତା ଅକ୍ତିଆର ହୋଇଥିଲା। ଡ୍ରେନ୍ ଉପରେ ଦୋକାନ ନିର୍ମାଣ କରି ଦୀର୍ଘବର୍ଷ ହେଲା ବ୍ୟବସାୟ କରିଆସୁଥିଲେ। ରାସ୍ତା ସଂକୀର୍ଣ୍ଣ ହୋଇପଡିବା ସହ ଏଠାରେ ଟ୍ରାଫିକ୍ ସମସ୍ୟା, ବର୍ଷାଦିନରେ ବର୍ଷା ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଥିଲା। ସକାଳେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀ, ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ଟାଉନ୍ ଥାନା ଆଇଆଇସି ପ୍ରୟଙ୍କା ପ୍ରିୟଦର୍ଶନୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିଲା। ସ୍ଥାନୀୟ ଦୋକାନୀମାନେ ନିଜେ ନିଜର ଷ୍ଟଲ ସମ୍ମୁଖ ବେଆଇନ ଜବରଦଖଲ ଭାଙ୍ଗିଥିବା ଦେଖାଯାଇଥିଲା। ଏହାପରେ ଜେସିବି ଦ୍ୱାରା ରାସ୍ତାକଡର ଡ୍ରେନ୍ ଭଙ୍ଗାଯାଇଥିଲା। ସ୍ଥାନୀୟ ଶାରଦେଶ୍ୱରୀ ଆୟୁର୍ବେଦିକ ହସ୍ପିଟାଲର କ୍ୟାମ୍ପସ ଭିତରକୁ ଯାଇଥିବା ଦ୍ୱିତୀୟ ରାସ୍ତାକୁ ଦବରଦଖଲ କରାଯାଉଛି। ଏହା ଭଙ୍ଗାଯାଇ ନଥିବାରୁ କେତେକ ଦୋକାନୀ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ସମାନ ନିୟମରେ ଜବରଦଖଲ ଉଚ୍ଛେଦ କରୁ ବୋଲି ଦୋକାନୀମାନେ କହିଥିଲେ।


ବଲାଙ୍ଗୀର ଡେଲିମାର୍କେଟରେ ସୋମବାର ଜବରଦଖଲ ଉଚ୍ଛେଦ କରାଯାଉଛି।


ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ଅରବିନ୍ଦ ଅଗ୍ରୱାଲ ଓ ଅଧ୍ୟାପିକା ଅଧ୍ୟାପକମାନେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ

କଣ୍ଟାବାଞ୍ଜି,୧୪।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ଭୋକେଶନାଲ କଲେଜରେ ମୋ କଲେଜ ଅଭିଯାନ ଯୋଜନାରେ ମହାତ୍ମା ଗାନ୍ଧୀ, ସୁବାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତୀ ସୋମବାର ଅନାବରଣ ହୋଇଛି। ଏଥିସହ ଏଡମିନିଷ୍ଟ୍ରେଟିଭ ବିଲଡିଂ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଥିଲା। ଅନାବରଣ କାର୍ଯ୍ୟକ୍ରମରେ କଲେଜର ପୁରାତନ ଛାତ୍ର ତଥା ଓଡିଶା ପରିବାର ମଙ୍ଗଳ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର, ଅଧ୍ୟାପିକା,ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥଇଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: କାଲସାଏପାଲି ଚାମ୍ପିୟନ

ଲୋଇସିଂହା,୧୪।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ହାଇସ୍କୁଲ ମିନିଷ୍ଟାଡିୟମରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନକଟାସରକୁ ଟାଇବ୍ରେକରରେ ୪-୨ଗୋଲରେ ହରାଇ କାଲସାଏପାଲି ଚାମ୍ପିୟନ ହୋଇଛି। ଅନ୍ତିମ ଦିବସରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ତେନ୍ତୁଲିଖୁଣ୍ଟି ଓ କାଲସାଏପାଲି ମଧ୍ୟରେ ହୋଇଥିଲା। ୨-୧ ଗୋଲରେ କାଲସାଏପାଲି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ଦ୍ୱିତୀୟ ସେମିରେ ବାଦିପୁରିଆ ଓ କଟାସର ମୁହାଁମୁହିଁ ହୋଇଥିଲେ। ଏଥିରେ ନକଟାସର ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ମୁଖ୍ୟ ଅତିଥି, ସରପଞ୍ଚ ବୃନ୍ଦାବନ ସେଠ, ନରସିଂ ସାହୁ, ଲଳିତମୋହନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫ହଜାର ଟଙ୍କା ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଉତ୍ସବରେ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ପଲ୍ଲୀ ଆଲୋକ ପାଠାଗାର ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।



ଟ୍ରଫି ସହ ଚାମ୍ପିୟନ କାଲସାଏପାଲି ଦଳର ଖେଳାଳିମାନେ।

## ସ୍ଥାୟୀ କର୍ମଚାରୀ ମାନ୍ୟତା ଦାବି ତେଜିଲା

### କଳାବ୍ୟାଜ ପିନ୍ଧି ଆଉଟସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

■ ୨୬ରେ ଭୁବନେଶ୍ୱରରେ ହେବ ବିଶାଳ ବିକ୍ଷୋଭ ସମାବେଶ

ବଲାଙ୍ଗୀର ଅଫିସ, ୧୪।୧୧

କିଛି ଦିନ ତଳେ ରାଜ୍ୟ ସରକାର ସବୁ ପ୍ରକାର ଅସ୍ଥାୟୀ ଚାକିରୀର ବିଲୁପ୍ତି ଘଟିଲା ବୋଲି ଘୋଷଣା କରିଥିଲେ। ସରକାରଙ୍କ ଏଭଳି ଘୋଷଣା ସତ୍ତ୍ୱେ ଏବେବି ଲକ୍ଷାଧିକ ସଂଖ୍ୟାରେ ରାଜ୍ୟର ବିଭିନ୍ନ ବିଭାଗରେ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେମାନେ ଦଶନ୍ଧି ଦଶନ୍ଧି ଧରି ଅସ୍ଥାୟୀ ଚାକିରୀରେ କାମ କରୁଛନ୍ତି। ରାଜ୍ୟ ସରକାର କରିଥିବା ସ୍ଥାୟୀ ଚାକିରି ଘୋଷଣାର କୌଣସି ଲାଭ ଏମାନେ ପାଇପାରି ନାହାନ୍ତି। ସବୁ ପ୍ରକାର କାର୍ଯ୍ୟଦକ୍ଷତା ଥିବା ସତ୍ତ୍ୱେ ସ୍ୱଳ୍ପ ଦରମା ଏବଂ ଯାବତୀୟ ଅସୁରକ୍ଷା ଭିତରେ ଆଉଟସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ଏଣୁ ସେମାନେ ଚାକିରୀକୁ ସ୍ଥାୟୀ କରିବା ଦାବିରେ ରାଜ୍ୟ ସ୍ତରରେ ଆନ୍ଦୋଳନକୁ ଓହ୍ଲାଇବାର ନିଷ୍ପତ୍ତି ନେଇଥିଲେ। ସୋମବାରଠାରୁ ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅସ୍ଥାୟୀ ଆଉଟସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ଜଣାଇଥିଲେ। କଳାବ୍ୟାଜ ପରିଧାନ କରି ନିଜ କାର୍ଯ୍ୟକ୍ଷେତ୍ରରେ କାମ କରିଥିବା ଜଣାପଡିଛି।

ବଲାଙ୍ଗୀର ଜିଲାର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ, ଫରେଷ୍ଟ ଅଫିସ, ଜିଲା ପରିଷଦ କାର୍ଯ୍ୟାଳୟ, ଜିଲାପାଳ କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ଅଫିସରେ ଥିବା ଆଉଟସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ ପିନ୍ଧିଥିଲେ। ଆସନ୍ତା ୨୬ ତାରିଖ ଭୁବନେଶ୍ୱରଠାରେ ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ବିଶାଳ ବିକ୍ଷୋଭ ସମାବେଶ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଆନ୍ଦୋଳନରେ ବଲାଙ୍ଗୀର ଜିଲାରୁ ବହୁ ସଂଖ୍ୟାରେ ସଂଘ ସଦସ୍ୟ ଯୋଗଦାନ କରି ଚାକିରୀ ସ୍ଥାୟୀ କରିବା ଦିଗରେ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବେ ବୋଲି ସୂଚନା ଦିଆଯାଇଛି।


ଭୀମଭୋଇ ମେଡିକାଲ କଲେଜ ଆଉଟସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ସଦର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବୋଡେନ ବିଡିଓ ପ୍ରିୟରଞ୍ଜନ କୁମାର, ସରପଞ୍ଚ ରଶ୍ମିତା ସିହ୍ନା, ଏବିଇଓ, ସିଡିପିଓ ପ୍ରମୁଖଙ୍କ ସହ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ୧୯ଜଣଙ୍କ ଅଭିଯୋଗ ଗ୍ରହଣ କରାଯିବା ସମାଧାନ ପାଇଁ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଧାନ କାଟିବାକୁ ଯାଇଥିବା ୨ ମହିଳାଙ୍କୁ ଭାଲୁ ଆକ୍ରମଣ

**କେସିଙ୍ଗା,୧୪।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଦେଗାଁ ପଞ୍ଚାୟତ ଜାମଜୋର ଗାଁରେ ସୋମବାର ସକାଳେ ଧାନ କାଟିବାକୁ ଯାଇଥିବା ୨ ମହିଳା ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଧାନ କାଟିବାକୁ ଯାଇଥିବା ଅନ୍ୟ ସଦସ୍ୟ ଓ ସ୍ଥାନୀୟ ଲୋକେ ୨ ମହିଳାଙ୍କୁ ଉଦ୍ଧାର କରି ତୁରନ୍ତ ୧୦୮ ଯୋଗେ ଭବାନିପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସୁମିତ୍ରା ଗୌଡଙ୍କ ଅବସ୍ଥା ଗୁରୁତରଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। କେତେଜଣ ମହିଳା ଧାନ କାଟିବାକୁ ବିଲକୁ ଯାଇଥିଲେ। ହଠାତ ନିକଟସ୍ଥ ଜଙ୍ଗଲରୁ ଏକ ଭାଲୁ ଆସି ପୁରୁଷ ଓ ମହିଳାମାନଙ୍କୁ ଆକ୍ରମଣ କରିଥିଲା। ଭାଲୁକୁ ଦେଖି ଭୟରେ ସମସ୍ତେ ଜୀବନ ବଞ୍ଚାଇବାକୁ ଦୌଡି ଚାଲି ଯାଇଥିଲେ। ହେଲେ ଜାମଜୋର ଗ୍ରାମର ସୁମିତ୍ରା ଭାଲୁ ହାବୁଡରେ ପଡିଯାଇଥିଲେ। ଭାଲୁ ତାଙ୍କ ମୁହଁରେ ଆକ୍ରମଣ କରୁଥିବା ବେଳେ ଆଉ ଜଣେ ମହିଳା ବଞ୍ଚାଇବାକୁ ଯାଇଥିବା ମହିଳାଙ୍କୁ ମଧ ଆକ୍ରମଣରେ ଆହତ ହୋଇଥିଲେ। ପରେ ଭାଲୁ ଜଙ୍ଗଲ ଆଡକୁ ଚାଲି ଯାଇଥିଲା।

### କଂଗ୍ରେସ କାର୍ଯ୍ୟାଳୟରେ ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି

**କୋକସରା,୧୪।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୋମବାର ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ବ୍ଲକ ସଭାପତି ଘନଶ୍ୟାମ ଜାଲଙ୍କ ସଭାପତିତ୍ୱରେ କଂଗ୍ରେସ ଭବନଠାରେ ନେହେରୁଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ଦଳର ବରିଷ୍ଠ ନେତା ନିମାଇଁ ଧଙ୍ଗଡା ମାଝି, ପୁରୁଷୋତ୍ତମ ଗୁପ୍ତା, ଜୋନ ସଭାପତି କମଳ ଲୋଚନ ନାଏକ, ତ୍ରିଭୁବନ ନାଏକ, ରାଜେନ୍ଦ୍ର ନାଏକ, ମହେନ୍ଦ୍ର ଧରୁଆ, କାମଦେବ ଧଙ୍ଗଡା ମାଝି, ହରିଶ୍ଚନ୍ଦ୍ର ନାଏକ, ମଣିଜର ପୋଢ଼ ବ୍ରଜବନ୍ଧୁ ମିଶ୍ର, ବ୍ଲକ ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଗଠିତ

**ବୋଡେନ,୧୪।୧୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକସ୍ତରୀୟ ନୂତନ ପେନ୍‌ସନ୍ ଯୋଜନା ପ୍ରାଥମିକ ଶିକ୍ଷକ ସଂଘ ଗଠିତ ହୋଇଯାଇଛି। ଏହି ଉପଲକ୍ଷେ ବୋଡେନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଲୋକନାଥ ନିଆଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶରତ ଚନ୍ଦ୍ର ପାଣିଗ୍ରାହୀ, ତ୍ରିଲୋଚନ ମାଝି, କାନ୍ତରାମ ଧରୁଆ, ପୀତାମ୍ବର ମାଝି, ମାଧବ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ସଂଘ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ନରେନ୍ଦ୍ର ନାଗ ସମ୍ପାଦକ, ରମେଶ ଖମାରୀ କାର୍ଯ୍ୟକାରୀ ସଭାପତି, ପରଦେଶି ଦୁରିଆ କାର୍ଯ୍ୟକାରୀ ସମ୍ପାଦକ, ହରିଶଙ୍କର ମାଝି ଓ ସୌଭାଗ୍ୟ ଦଣ୍ଡସେନା ଉପସଭାପତି, ସୁହାଗ ସୁଭମ ଯୋଷୀ ଓ ସରୋଜ କୁମାର ମାଝି ସହସମ୍ପାଦକ, ଦେବସିଂ ମାଝି କୋଷାଧ୍ୟକ୍ଷ, ସୁଭେନ୍ଦୁ ଯୋଷୀ ଆବାହକ ଭାବେ ମନୋନୀତ ହୋଇଛନ୍ତି। ସଂଘ ସାଂଗଠନିକ କାର୍ଯ୍ୟ ପରିଚାଳନା ପାଇଁ ବ୍ଲକର ୧୩ଟି କ୍ଲଷ୍ଟରରୁ ୧୩ଜଣ ଶିକ୍ଷକଙ୍କୁ କ୍ଷେତ୍ରିୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

### ତୁନଗାଁରେ ଧାନ ମଣ୍ଡି ଉଦଘାଟିତ

**କୋକସରା,୧୪।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହଲ ପ୍ୟାକ୍ସ ଅଧୀନ ତୁନଗାଁଠାରେ ନୂତନ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ନିର୍ମାଣ ହୋଇଥିବା ଧାନ ମଣ୍ଡି ପାଇଁ ଅଞ୍ଚଳର ଚାଷୀ ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ। ମଣ୍ଡି ନ ଥିବାରୁ ଖୋଲାରେ ଧାନ ରଖି ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଚାଷୀ ବିକ୍ରି କରୁଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁନଗାଁରେ ମଣ୍ଡି ନିର୍ମାଣ ହୋଇଛି। ମଣ୍ଡି ଉଦ୍‌ଘାଟନୀରେ ଆର୍‌ଏମସି କର୍ମଚାରୀ ପରିଚାଳନାରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ କାଶିବାହଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, କାଶିବାହଲ ପ୍ୟାକ୍ସ ସଭାପତି ନିହାର ରଞ୍ଜନ ବେହେରା, ସରପଞ୍ଚ ପ୍ରତିନିଧି ରୁଦ୍ର ନାଏକ, ପୂର୍ବତନ ପ୍ୟାକ୍ସ ସଭାପତି କୈଳାଶ ଚନ୍ଦ୍ର ଧଙ୍ଗଡା ମାଝି, ଚାଷୀ ପ୍ରଭାକର ବେହେରା, ମଣିଭଦ୍ର ପଣ୍ଡା, ପ୍ରେମ ଶବର, ଈଶ୍ୱର ପାଣିଗ୍ରାହୀ, ଅର୍ଜୁନ ଶବର, ବିରଞ୍ଚି ଶବର, କୈଳାଶ ଶବର, ଆରଏମସି କର୍ମଚାରୀ ରାହସ ଧଙ୍ଗଡା ମାଝିଙ୍କ ସମେତ ତୁନଗାଁ, ଧନସରା, ଚିକଲି, ଆଇଁଲି ଗ୍ରାମର ଶତାଧିକ ଚାଷୀମାନେ ଉପସ୍ଥିତ ରହିଥିଲେ।



ଜଙ୍ଗଲ ପାଦ ଦେଶରେ ସୂର୍ଲି ଗ୍ରାମ।



ଶଗଡା ନଦୀର ପାଣି ନେଉଛନ୍ତି ସ୍ଥାନୀୟ ମହିଳା।

# ବଞ୍ଚିବା ରାହା ଖୋଜୁଛନ୍ତି ୩୦ ଆଦିବାସୀ ପରିବାର

**ବିକାଶଠାରୁ ବହୁ ଦୂରରେ ସୂର୍ଲି ଗାଁ**

**■ପାଣି ପାଇଁ ଶଗଡା ନଦୀ ଭରସା**

**ଭବାନୀପାଟଣା,୧୪।୧୧(ସ୍ୱ.ପ୍ର.)**

ସରକାର ବନବାସୀ, ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଯୋଜନା ସବୁ କାଗଜ କଲମରେ ହେଉଥିବା ବେଳେ ସରକାରୀ ଅଧିକାରୀଙ୍କ ଫାଇଲ ତଳେ ଚାପି ହେଇଯାଉଛି ଅଞ୍ଚଳର ବିକାଶ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ମୋବାଇଲ ନେଟୱାର୍କ ଏମାନଙ୍କ ପାଇଁ ଫେଲ ମାରିଛି। ଜଙ୍ଗଲୀ ମୂଳକରେ ବସାବାନ୍ଧିଥିବା ସରଳ ଆଦିବାସୀ ବିକାଶ କ'ଣ ଜାଣି ନ ଥିବା ବେଳେ ବର୍ଷ ବର୍ଷ ଧରି ଗମନାଗମନ ପାଇଁ ବଣପାହାଡ଼ ଭିତରେ ଥିବା ପାଦଚଲା ରାସ୍ତା ଉପରେ ନିର୍ଭର କରୁଛନ୍ତି। ଜୀବନକୁ ବାଜି ଲଗେଇ ନଈ ନାଳ ପାଣି ପିଇ ବଞ୍ଚିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦେଦର ପଞ୍ଚାୟତର ମାଓବାଦୀ ଅଧ୍ୟୁଷିତ ସୂର୍ଲି ଗାଁରେ। ସୂର୍ଲି ଗାଁରେ ପୂର୍ବ ପୁରୁଷ ଧରି ଜନବସତି ରହିଥିବା ବେଳେ ଏହା ସରକାରଙ୍କ ରାଜସ୍ୱ ଗ୍ରାମ। ଏଠାରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରନ୍ତି। ଚାରିଆଡେ ବଣପାହାଡ଼ ଥିବା ବେଳେ ଗାଁକୁ ଘେରି ରହିଛି ଶଗଡା ନଦୀ। ଗ୍ରାମକୁ ଯିବାକୁ ହେଲେ ପ୍ରଥମେ ମାଇଲ ମାଇଲ ପାଦଚଲା ଜଙ୍ଗଲୀ ରାସ୍ତା ଦେଇ ଯିବା ପରେ ଶଗଡା ନଦୀ ଓ ନାଳ ପାର ହେବାକୁ ପଡିଥାଏ। ବର୍ତ୍ତମାନ ଗାଁରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ଗୋଟିଏ ନଳକୂପ ଅଛି। ଫଳରେ ପାଣି ପାଇଁ ଲୋକେ ଏବେ ବି ଶଗଡା ନଦୀର ପାଣି ପାଇଁ ଜୀବନ ବଞ୍ଚାଉଛନ୍ତି। ପଞ୍ଚାୟତ ମୁଖ୍ୟାଳୟ ଦେଦରକୁ ଯିବାକୁ ହେଲେ ୮ କି.ମି. ଯାଉଥିବା ବେଳେ ବ୍ଲକ ମହକୁମା ଜୁନାଗଡ଼କୁ ଆସିବାକୁ ହେଲେ ୨୦ କି.ମି. ଆସିବାକୁ ପଡିଥାଏ। ଦୁର୍ଗମ ଅଞ୍ଚଳ ହୋଇଥିବା ଯୋଗୁ ଏହି ଗାଁରେ କୌଣସି ରାଜନେତା କିମ୍ବା ସରକାରୀ ଅଧିକାରୀଙ୍କ କେବେ ମଧ ପାଦ ପଡେ ନାହିଁ। ରାସ୍ତା ନ ଥିବା ଯୋଗୁ ଗର୍ଭବତୀ କିମ୍ବା ଅନ୍ୟ କୌଣସି ରୋଗୀଙ୍କୁ ଖଟିଆରେ ବୋହି ଆଣି ଡାକ୍ତରଖାନାକୁ ନେଇଥାନ୍ତି। ନେଟୱାର୍କ ନ ଥିବାରୁ ଯୋଗାଯୋଗ ମଧ ହୋଇପାରେ ନାହିଁ। ଗ୍ରୀଷ୍ମ ଓ ଶୀତ ଋତୁରେ ଜେନତେନ ପ୍ରକାରେଣ ଚଳିଯିବା ବେଳେ ବର୍ଷା ଋତୁରେ ଜଳବନ୍ଦୀ ହୋଇଥାନ୍ତି। ସରଳି ଆଦିବାସୀମାନେ ଏମ୍‌ଜିଏନ୍‌ଆରଇଜିଏସ୍ ଜାଣି ନାହାନ୍ତି। ଫଳରେ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି। ଅନେକ ପରିବାର ଆଜି ମଧ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ଶିକ୍ଷା ପରେ ଉଚ୍ଚ ଶିକ୍ଷା ଛାତ୍ରୀଛାତ୍ରଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ସଚେତନତା ଅଭାବରୁ ଅତି କମ ବୟସରେ ବିବାହ ହେବା ପରେ ପରିବାର ପ୍ରତିପୋଷଣ ମୁଣ୍ଡ ଉପରେ ପଡି ଯାଉଛି। ଏଠାରେ ରାସ୍ତା, ପାନୀୟଜଳ ଓ ମୋବାଇଲ ନେଟୱାର୍କ ସ୍ୱପ୍ନ। ଆଉ କେତେବର୍ଷ ଜଙ୍ଗଲୀ ମୂଳକରେ ବନ୍ୟପ୍ରାଣୀ ସହ ଜୀବନ ଅତିବାହିତ କଲେ ଏହି ଆଦିବାସୀ ବିକାଶର ବାଟ ଦେଖି ପାରିବେ। ସରକାର କେବେ ଏମାନଙ୍କ ସମସ୍ୟା ସମାଧାନ କରିବେ ତାହା ଦେଖିବାକୁ ବାକି ରହିଲା।

### ଅଟୋ ଓଲଟି ୩ ଗୁରୁତର

**କୋକସରା,୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ରାସ୍ତାର କୁସୁମଖୁଣ୍ଟି ବୁଲାଣିରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟିପଡିଛି। ସ୍ଥାନୀୟ ଯୁବକମାନେ ଗୁରୁତର ୩ଜଣଙ୍କୁ ଉଦ୍ଧାର କରି କୋକସରା ଓ ଆମପାଣି ପୋଲିସ, ଦମକଳ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅନ୍ୟ ଏକ ଅଟୋରେ ୩ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତରମାନେ ହେଲେ କୋକସରା ବ୍ଲକ ଧୋବେନପଡା ଓ ନବରଙ୍ଗପୁର ଜିଲା ମୈଦଲପୁର ଗ୍ରାମର ଶତ୍ରୁଘ୍ନ ପାଲପୁରିଆ (୭୫), ଅନିରୁଦ୍ଧ ପାଲପୁରିଆ (୭୦) ଓ ସୋମନାଥ ନାଏକ (୪୫)। ଅନ୍ୟମାନେ ହେଲେ ଆହ୍ଲାଦିନି ସୁରପାଳ (୫୦), ଅହଲ୍ୟା ମାଝି (୩୦), ଗାୟିତ୍ରୀ ବାଗ (୫୦), ସୂର୍ଯ୍ୟ ବାଗ (୬୦), ଶିଶୁ ଆଶିଷ ମାଝି (୩) ଓ ରୁଦ୍ର ମାଝି (୨)ଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ଆମପାଣି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଗୁରୁତର ଶତ୍ରୁଘ୍ନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନୀପାଟଣା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଅଟୋ ଧରି ଡ୍ରାଇଭର ଫେରାର ହୋଇଯାଇଛି। ସୂଚନା ଯେ, କୋକସରା ବ୍ଲକ ଧୋବେନପଡା ଗାଁରୁ ଏକ ଅଟୋରେ ୭ଜଣ ବୟସ୍କ ଓ ୨ଜଣ ଶିଶୁ ଏକ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଜୟପାଟଣା ବ୍ଲକ ଧନସୁଲି ଗାଁକୁ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ କାଉଡୋଳା ଲଡୁଗାଁ ରାସ୍ତାର କୁସୁମଖୁଣ୍ଟି ବୁଲାଣିରେ ଭାରସାମ୍ୟ ହରାଇ ଅଟୋ ଓଲଟିପଡିଥିଲା।

## ଆଉଟ୍‌ସୋର୍ସିଙ୍ଗ ପ୍ରଥା ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି ଦାବି



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଉଟସୋର୍ସିଙ୍ଗ କର୍ମଚାରୀ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

**ଜିଲାପାଳଙ୍କ ଅଫିସ ସମ୍ମୁଖରେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ**

**ଭବାନୀପାଟଣା,୧୪।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅକ୍ଟୋବର ୧୫ରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନିୟମିତ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟ କରିଆସୁଥିବା ଆଉଟସୋର୍ସିଙ୍ଗ କର୍ମଚାରୀ ଏଥିରୁ ବାଦ ପଡିଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପୂର୍ବରୁ ମଧ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବି ଜଣାଇଥିଲେ ମଧ ଏହାର ସୁଫଳ ମିଳିପାରିନାହିଁ। ଫଳରେ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ କଳାହାଣ୍ଡି ଶାଖା ପକ୍ଷରୁ ଆଉଟ୍‌ସୋର୍ସିଙ୍ଗ ପ୍ରଥା ଉଚ୍ଛେଦ ଓ ସ୍ଥାୟୀ ନିଯୁକ୍ତି ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ନିଜ ଦପ୍ତରରେ ସେମାନେ କଳାବ୍ୟାଜ୍ ପିନ୍ଧି ଏପରି ପ୍ରତିବାଦ କରିବେ ବୋଲି ଜଣାପଡିଛି। ଏହି ସମୟ ଭିତରେ ରାଜ୍ୟ ସରକାର ସେମାନଙ୍କ କଥା ନ ଶୁଣନ୍ତି ତାହାହେଲେ ୨୬ ତାରିଖରେ ଭୁବନେଶ୍ୱର ଯାଇ ବିଧାନସଭା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରତିବାଦରେ ଜିଲା ସଭାପତି ସୁଜିତ ବିଶ୍ୱାଳ, ସମ୍ପାଦକ ବିନୟ କୁମାର ପାତ୍ର, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ବାଣୁଆ, ସଭ୍ୟ ହିମାଂଶୁ ଶେଖର ମିଶ୍ର, ଅବକାଶ ଠାକୁର, ସୁଚିସ୍ମିତା ମହାପାତ୍ର, ଶୁଭଦର୍ଶିନୀ ଦିବେଦୀ, ରଞ୍ଜିତା କେତକୀ, ହିମାଂଶୁ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

### ଜୁନାଗଡ଼ ବ୍ଲକସ୍ତରୀୟ ଆଶା ସଂଘ ଗଠିତ

**ଜୁନାଗଡ଼,୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର କାର୍ଯ୍ୟରତ ଆଶା କର୍ମୀମାନେ ରାତି ଦିନ ନିଜର କାର୍ଯ୍ୟ ସମ୍ପାଦନ କରି ଆସୁଥିବା ବେଳେ ରାଜ୍ୟ ସରକାର ଆଶା କର୍ମୀମାନଙ୍କ ପ୍ରତି ଅଣଦେଖା କରି ଆସୁଛନ୍ତି। ଆଶା କର୍ମୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରି ଆସୁଥିଲେ ମଧ ଏଯାଏଁ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ଫଳରେ ଆଶା କର୍ମୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଏ ନେଇ ସୋମବାର ଜୁନାଗଡ଼ ବ୍ଲକର ସମସ୍ତ ଆଶା କର୍ମୀମାନେ ବିଭିନ୍ନ ସମସ୍ୟାଗୁଡିକୁ କିପରି ରାଜ୍ୟ ସରକାରଙ୍କଠାରେ ଉପସ୍ଥାପିତ କରିପାରିବେ ସେ ନେଇ ଆଶା କର୍ମୀମାନେ ଏକ ବ୍ଲକସ୍ତରୀୟ ନୂତନ ଆଶା କର୍ମୀ ସଂଘ ଗଠନ କରିଛନ୍ତି। ଏଥିରେ ଭାରତୀୟ ମଜଦୁର ସଂଘ କଳାହାଣ୍ଡି ଓ ନୂଆପଡା ଜିଲାର ପ୍ରଭାରୀ ବିରଞ୍ଚି ନାରାୟଣ ପଣ୍ଡା ଯୋଗଦାନ କରି ସଂଘ ଗଠନ କରିବା ଦିଗରେ ଆଶା କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସଭାନେତ୍ରୀ ଭାବରେ କ୍ଷମାଶିଳା ଛତ୍ରିଆଙ୍କୁ ମନୋନୀତ କରିଥିବା ବେଳେ ଉପସଭା ନେତ୍ରୀ ପଙ୍କଜିନି ରାଉତ, ସମ୍ପାଦକ ଭାବରେ ବାସନ୍ତୀ ନଏକ ମନୋନୀତ ହୋଇଥିବା ବେଳେ ସହ ସମ୍ପାଦିକା ସସ୍ମିତା ନାଏକ ଓ କୋଷାଧ୍ୟକ୍ଷା ଭାବେ ଚମ୍ପାବତୀ ମେହେରଙ୍କୁ ମନୋନୀତ କରାଯାଇଥିଲା। ସଭାନେତ୍ରୀ କ୍ଷମାଶିଳା ଛତ୍ରିଆ ଧନ୍ୟବାଦ ଦେଇଥିଲେ।

### ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

**ଭବାନୀପାଟଣା,୧୪।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସରେ ସ୍ୱାତକ ବିଭାଗ ଆରମ୍ଭ-୨୦୨୨ ନବାଗତମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷ, ବିବିଏ, ବିସିଏ ବର୍ଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସରେ ନିର୍ଦ୍ଦେଶକ ଡି ଶ୍ୟାମ, ଡି ରାମ କୁମାର, ପରିଚାଳନା ସଦସ୍ୟ ଡି ବିଜୟା, ଡି ପଦ୍ମିନୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାର ବିକାଶ ହେଲେ ମାନବ ସମାଜର ପୂର୍ଣ୍ଣାଙ୍ଗ ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶାଖାର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ସହଯୋଗ କରିଥିଲେ।

## ଜିଲାପାଳ,ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି

**କର୍ଲାମୁଣ୍ଡା,୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବଗାନ୍ଧି ସେବା ଭବନଠାରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ତଥା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜିଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ଡାକ୍ତର ବିଶ୍ୱଜିତ ଦାଶ, ପିଡି ଡିଆରଡିଏ ପାୱାର ସଚିନ ପ୍ରକାଶ, ଏଡିଏମ ସୁଶାନ୍ତ କୁମାର ପଟେଲ, ଡିପିଓ ପ୍ରହ୍ଲାଦ ପ୍ରଧାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ସମସ୍ତ ବିଭାଗ ଅଧିକାରୀ ଓ ବିଡିଓ ସୁଚରିତା ମୁଗ୍ରୀ, ତହସିଲଦାର ମିଳନ କୁମାର ଝାଙ୍କର, ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଜିପିଇଓ ଯୁଗର କିଶୋର ନାଏକ ଓ ଅନ୍ୟ ବିଭାଗ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୧୧୩ଜଣ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ଏଥିରେ ଆବାସ ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ରାଶନ କାର୍ଡ ସମ୍ପର୍କିତ ଅଭିଯୋଗ ଅଧିକ ରହିଥିଲା। ରେଗଡା ପଞ୍ଚାୟତ ବିଜାପାଟିଠାରେ ବୋରପଦର ଓ ରେଗଡା ପଞ୍ଚାୟତକୁ ନେଇ ପ୍ରାଥମିକ କୃଷି ସମବାୟ ସମିତି ଗଠନ, କୁସୁରଲା ମନ୍ଦିର ଛକଠାରୁ ସିଲେଟପଡା ଦେଇ ରେଗଡା ଆରଡି ରାସ୍ତା ନିର୍ମାଣ, ରିଷିଡା ହସ୍ପିଟାଲରେ ନିୟମିତ ଭାବେ ଡାକ୍ତର ରହୁ ନ ଥିବା ଏବଂ ଡେପୁଟେଶନରେ ଯାଇଥିବା କର୍ମଚାରୀଙ୍କୁ ଫେରାଇ ଆଣିବା, ରିଷିଡା ସଲଣ୍ଡିଆମୁଣ୍ଡାଠାରୁ କର୍ଲାମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ମରାମତି ନିମ୍ନମାନର ହୋଇଥିବା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଜିଲାପାଳ ପୌରକେଲା ହାଇସ୍କୁଲ ୫-ଟି କାମ ପରିଦର୍ଶନ କରିଥିଲେ।




ଯୁଗ୍ମ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟମାନେ।

## ପଞ୍ଚାୟତ, ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଗୋଲାମୁଣ୍ଡା/କୋକସରା, ୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ନକଟିକାନି ଗ୍ରାମପଞ୍ଚାୟତରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୯୯ଜଣ ଅଭିଯୋଗ ପଞ୍ଜୀକରଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଲୋକଙ୍କ ଅଭିଯୋଗ ଶୁଣି ବିଭିନ୍ନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ୪୦ଜଣଙ୍କ ଅଭିଯୋଗ ସମାଧାନ କରିଥିଲେ। ବିଡିଓ ଶ୍ରୀଧର ପଣ୍ଡା, ଡ.ସୁବ୍ରତ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲବଣି ନାଏକ, ଗ୍ରାମୀଣ ଆବାସ ବିଭାଗ ବିପିସି ମଧୁ ସୁଦନ ସାହୁ, ସାମାଜିକ ସୁରକ୍ଷା ଚନ୍ଦନ ବିହାରୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ କୁମାର ପ୍ରଧାନ, ସରପଞ୍ଚ ସାବିତ୍ରୀ ମାଝି ଓ ସମିତି ସଭ୍ୟ ମହିରାଜ ମାଝି, ଗଣ୍ଡାମେର ସରପଞ୍ଚ ହେମଲତା ନାଏକ, ଟିଟିଆ ସମିତି ସଭ୍ୟ ସନ୍ତୋଷ ପଟେଲ, ଜଳ ଓ ପରିମଳ ସୁବାସ ପଣ୍ଡା, ଏ.ଏ.ଓ ଲିଙ୍ଗରାଜ ମେହେର, ଫରେଷ୍ଟର ରମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣୀ ଚିକିତ୍ସା, ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ସମ୍ମନିତ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଯୋଗାଣ ବିଭାଗ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ।

କୋକସରା ବ୍ଲକ ଡାଲଗୁମା ପଞ୍ଚାୟତରେ ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଯୁଗ୍ମଜନଶୁଣାଣି ଅନୁଷ୍ଠିତ ହୋଇଛି। ବିଡିଓ ଉତ୍ତମ କୁମାର ବାଗ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ନାଏବ ସରପଞ୍ଚ ରିତାଞ୍ଜଳି ଖରସେଲ, ଜିପିଇଓ ନାରାୟଣ ଭୋଇ, ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ସୌନ୍ଦର୍ଯ୍ୟ ନାଏକ, ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କୃଷି ଅଧିକାରୀ ହେମାନନ୍ଦ ମାଝି, ଉଦ୍ୟାନ କୃଷି ଅଧିକାରୀ ବି. ବାସନ୍ତି, ଏଫଇଓ ଲଳିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଭିନ୍ନ ଗ୍ରାମରୁ ୫୭୮ଟି ଅଭିଯୋଗରୁ ୩୭୩ଟି ଆବାସ, ୬୬ପିଡିଏସ, ୯୧ ଭତ୍ତା ଓ ୪୮ଟି ଅନ୍ୟାନ୍ୟ ଅଭିଯୋଗ ଆସିଥିଲା। ସମସ୍ତ ସମସ୍ୟା ଉପରେ ଅଭିଯୋଗ ଶୁଣିବା ସହ ସମାଧାନ କରିବା ଦିଗରେ ପ୍ରୟାସ କରାଯିବା ନେଇ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ପିଇଓ ଦୁଷ୍ମନ୍ତ କୁମାର ସୁନାନୀ ପରିଚାଳନା କରିଥିବା ବେଳେ ପଞ୍ଚାୟତ କର୍ମଚାରୀ ସହଯୋଗ କରିଥିଲେ।



ଗୋଲାମୁଣ୍ଡାରେ ଆୟୋଜିତ ଜନଶୁଣାଣି ଶିବିର।

**ଅମଲା ସଂଘର ବୈଠକ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ କଲେଜ ପରିସରରେ ବ୍ଲକସ୍ତରୀୟ ଅମଲା ସଂଘର ବୈଠକ ମାଧବ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅମଲାମାନଙ୍କ ବିଭିନ୍ନ ସମସ୍ୟା ସହ ଗ୍ରେଡ ପେ ବୃଦ୍ଧି ଦାବି ନେଇ ଆଲୋଚନା ହୋଇଥିଲା। ହାଇସ୍କୁଲରେ କାର୍ଯ୍ୟରତ ଅମଲାଙ୍କ ଦରମା ବୃଦ୍ଧି ପାଇଁ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନରେ ସଂଘ ଯୋଗ ଦେବ ବୋଲି ନିଷ୍ପତି ହୋଇଥିଲା। ବୈଠକରେ କାହ୍ନୁ ଚରଣ ସାହୁ , ଅକ୍ଷୟ ସାହୁ, ଦିଲୀପ ମେହେର ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବାଗବର ଯ୍ୟୁପି ସ୍କୁଲ ପ୍ରାଚୀର ପତ୍ର ଘାସଫୁଲ ଉନ୍ମୋଚିତ

**ଅମରପାଲି,୧୪।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ସରକାରୀ ଯ୍ୟୁପି ସ୍କୁଲରେ ଶିଶୁ ଦିବସ ଅବସରରେ ପ୍ରାଚୀର ଘାସଫୁଲର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ମହିଳା ମହାବିଦ୍ୟାଳୟ ଅଧାପିକା ସନ୍ତୋଷିନୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଜବାହରଲାଲ ନେହେରୁଙ୍କ ଜୀବନୀ ବିଷୟରେ ବର୍ଣ୍ଣନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ କବିତା, ଗଳ୍ପ ସଙ୍କଳନକୁ ନେଇ ପ୍ରାଚୀରପତ୍ର ଘାସଫୁଲ ର ଦ୍ୱିତୀୟ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ, ଗୌରୀ କୁମୁରା ଓ ମିନାକ୍ଷୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିଶୁଙ୍କୁ ସ୍ୱପ୍ନ ଦେଖିବାକୁ ଦିଅ

**ଅମରପାଲି,୧୪।୧୧(ଡି.ଏନ.ଏ):** ଶିଶୁଙ୍କୁ ସ୍ୱପ୍ନ ଦେଖିବାକୁ ଦିଆଯାଉ। କାରଣ ସେହି ସ୍ୱପ୍ନ ହିଁ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ। ରାଷ୍ଟ୍ର ସମୃଦ୍ଧିର ଭବିଷ୍ୟତ ଶିଶୁମାନଙ୍କ ଦ୍ୱାରା ହିଁ ହୋଇଥାଏ। ତେଣୁ ଭବିଷ୍ୟତ ପାଇଁ ସେମାନଙ୍କୁ ଯତ୍ନର ସହିତ ଗଢିବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶିଶୁ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ପୌରୋହିତ୍ୟର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର ମୁଖ୍ୟ ଅତିଥି, ଶିଶୁ ମନସ୍ତତ୍ତ୍ୱବିତ୍ ଅମ୍ବୁଜ ବିହାରୀ ଶତପଥୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଥିଲେ। ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲ ପ୍ରଧାନଶିକ୍ଷକ କାଳିଆ କର୍ମୀ, ସ୍ୱେଚ୍ଛାସେବୀ ମୀନକେତନ ମହାକୁର, ବ୍ୟବସାୟୀ ଶମ୍ଭୁଷଣ ମେହେର, କ୍ରୀଡାବିତ କିଶୋର ଡାଙ୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବୈକୁଣ୍ଠ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିଶୁ ଦିବସରେ ବକ୍ତୃତା ପ୍ରତିଯୋଗିତା

**ଲୋଇସିଂହା,୧୪।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମାନଭଞ୍ଜନ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମୁଖ୍ୟଅତିଥି ବହିଦାର କହିଥିଲେ। ଗୁରୁମା ସୁନୀତା କର, ଗୁରୁଜୀ କୁନା ବେହେରା ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ସରାନନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦନ କରିଥିଲେ। ପରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

# ଘୃଣା ଛାଡ଼, ରୋଜଗାର ଦିଅ

**ବଲାଙ୍ଗୀର ଅଫିସ, ୧୪।୧୧**



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ବିଧାନ ବଞ୍ଚାଅ ପଦଯାତ୍ରୀ ଦଳ।

**ବଲାଙ୍ଗୀରରେ ପହଞ୍ଚିଲା ସମ୍ବିଧାନ ବଞ୍ଚାଅ ପଦଯାତ୍ରା**

ପ୍ରସିଦ୍ଧ ପର୍ଯ୍ୟଟନ ଏବଂ ଧର୍ମପୀଠ ହରିଶଙ୍କରଠାରୁ ବିଭିନ୍ନ ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ଗତ ୧୧ ତାରିଖରୁ ବାହାରିଥିବା ସମ୍ବିଧାନ ବଞ୍ଚାଅ ପଦଯାତ୍ରା ସୋମବାର ବଲାଙ୍ଗୀର ପହଞ୍ଚିଥିଲା। ଏହି ପଦଯାତ୍ରା ଧୁମାମରାଠାରେ ସହରକୁ ପ୍ରବେଶ କରିବା ପରେ ସେଠାରୁ ଭୀମ ଭୋଇ ମେଡିକାଲ କଲେଜ ଛକ, ଲାଲଟିକ୍ରା, ଶାନ୍ତିପଡା, କଲେଜ ଛକ, ସିଭିଲ କୋର୍ଟ ଦେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା।

ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ରାଜ୍ୟ ଆବାହକ ତ୍ରିଲୋଚନ ପୁଞ୍ଜିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟର ଆଗଧାଡି ସାମାଜିକକର୍ମୀ ତଥା ଗ୍ରୀନ୍ ନୋବେଲ ବିଜେତା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସାହାରା ପାୱାର ପ୍ଲାଣ୍ଟ ବିରୋଧୀ ମଞ୍ଚ ଆବାହକ ବାଳକଷ୍ଟ ଷାଣ୍ଢ, ଆଦିବାସୀ ନେତା ଦ୍ୱିଜ ଦଳପତି, ଯଥା ବିଶ୍ୱାଳ, ଓବିସି ମଞ୍ଚର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦ ସମ୍ପାଦକ ସତ୍ୟ ବନ୍‌ଛୋର, ବହୁଜନ ପରିବାର ନେତା ଦୌଣ କୁମ୍ଭାର, ଭିଆଇପି ପାର୍ଟି ସଭାପତି ଡ ବିପିନ କୁଶଲିଆ, ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆରଟିଆଇ କର୍ମୀ ନୀଳମଣି ଯୋଷୀ ଓ ଅନ୍ୟମାନେ ସାମିଲ ହୋଇଥିଲେ।

ସାମାଜିକ କର୍ମୀ ସାମନ୍ତରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶରେ ଧର୍ମ, ଜାତି ନାଁରେ ଲୋକଙ୍କୁ ଭାଗ ଭାଗ କରାଯାଉଛି। ପରସ୍ପର ପ୍ରତି ଘୃଣାଭାବ ସୃଷ୍ଟି କରାଯାଉଛି। ଏଥିରେ ଖୋଦ୍ ସରକାର ସାମିଲ ହେବା ଦ୍ୱାରା ଦେଶର ଏକତା ଏବେ ବିପଦରେ ରହିଛି। ସମ୍ବିଧାନ ଅସୁରକ୍ଷିତ ହୋଇପଡିଛି। ସମ୍ବିଧାନର ଶାସନ ନକରି ସରକାର ଭୋଟ ସର୍ବସ୍ୱ ରାଜନୀତି କରୁଛନ୍ତି। ପରସ୍ପର ଭିତରେ ଜାତି, ଧର୍ମକୁ ନେଇ ବିଦ୍ୱେଷ ଭରୁଛନ୍ତି। ଚାଷୀକୁ ପାଣି ଏବଂ ଉତ୍ପାଦନର ଉଚିତ୍ ମୂଲ୍ୟ ଦେବା, ବେକାର ଯୁବତୀ ଯୁବକଙ୍କୁ ଚାକିରୀ ଦେବା ଛାଡି ସେମାନଙ୍କ ଭିତରେ ବିଦ୍ୱେଷ ଓ ଘୃଣା ଭର୍ତ୍ତି କରି ପରସ୍ପରକୁ ଲଢ଼ିବାକୁ ଉସୁକାଉଛନ୍ତି। ଏଭଳି ସମୟରେ ଦେଶର ବୁଦ୍ଧିଜୀବୀ ଏବଂ ଜନସାଧାରଣ ସଚେତନ ହୋଇ ପରସ୍ପର ଘୃଣା ଛାଡି ସମ୍ବିଧାନ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉଚିତ୍ ବୋଲି ସେ କହିଥିଲେ। ସଭାରେ ଜଙ୍ଗଲ, ଜମି, ଜଳ ସୁରକ୍ଷା ଦିଗରେ ଲୋକେ ସଚେନତ ହେବା ଉଚିତ୍ ବୋଲି କହିଥିଲେ। ସରକାର କର୍ପୋରେଟ କମ୍ପାନୀ ହାତକୁ କିଭଳି ଜମି, ଜଙ୍ଗଲ ଓ ଜଳ ଟେକି ଦେଇ ସମଗ୍ର ମାନବସତ୍ତାକୁ ବିପଦଜନକ ସ୍ଥିତିରେ ପହଞ୍ଚାଇଛି ତାହା ସେ କହିଥିଲେ। ସଭାରେ ସଭାପତି ପୁଞ୍ଜି, ସତ୍ୟ ବନଛୋର, ଲକ୍ଷ୍ମୀ ପଟ୍ଟନାୟକ ବକ୍ତବ୍ୟ ଦେଇ ସମ୍ବିଧାନ ସୁରକ୍ଷା, ଜଳ ଜଙ୍ଗଲ ଜମି ତଥା ପରିବେଶ, ଜୀବନଜୀବିକା, ପ୍ରକୃତି, ମାନବ ଧର୍ମ, ନ୍ୟାୟ ଓ ସମତା ପ୍ରତିଷ୍ଠା ଏବଂ ସୁରକ୍ଷା ଦିଗରେ କାମ କରିବା ଦିଗରେ କହିଥିଲେ। ଏହି ପଦଯାତ୍ରାରେ ଜିଲାର ୨୪ଟି ଜନ ଆନ୍ଦୋଳନର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଭିଜିଲାନ୍ସ ଅଧିକାରୀ କହି ଡାକ୍ତରଙ୍କୁ ୪ଲକ୍ଷ ମାଗିଲେ

- ମାମଲା ରୁଜୁ, ତଦନ୍ତ ଜାରି
- ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

**ଅମରପାଲି,୧୪।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୁତି ବିଭାଗ ଡାକ୍ତର ସପ୍ନେଶ୍ୱର ବେହେରାଙ୍କୁ ଜନୈକ ବ୍ୟକ୍ତି ଭିଜଲାନ୍ସ ଡିଏସ୍‌ପି କହି ୪ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗ ହୋଇଛି। ଜଣେ ରୋଗୀ ଆପଣଙ୍କ ବିରୋଧରେ ଏକ ଭିଡିଓ, ଲିଖିତ ଅଭିଯୋଗ କରିଛନ୍ତି। ଭିଜଲାନ୍ସ ବିଭାଗ ଚଢାଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବ। ଯଦି ଭିଜଲନ୍ସ ତଦନ୍ତରୁ ବର୍ତ୍ତିବାକୁ ଚାହୁଁଛନ୍ତି ତେବେ ୪ଲକ୍ଷ ଟଙ୍କା ଦେବାକୁ ସମ୍ପୃକ୍ତ ବ୍ୟକ୍ତି ଜଣ ଡାକ୍ତରଙ୍କୁ କହିଥିଲେ। ଡାକ୍ତର ବେହେରା ଏଥିରେ ସନ୍ଦେହ ପ୍ରକାଶ କରି ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଡାକ୍ତର ବେହେରାଙ୍କ ଅଭିଯୋଗ ଆଧାରରେ ଏକ ମାମଲା(୨୩୦/୨୨)ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଦ୍ମାସିନୀ ମେହେର କହିଛନ୍ତି। ପ୍ରାଥମିକ ତଦନ୍ତରୁ ମୋବାଇଲ ନମ୍ବର ଟ୍ରାକିଂ କରି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଟକ ବ୍ୟକ୍ତି ଜଣକ ବୀରମହାରାଜପୁର ଅଞ୍ଚଳର ବୋଲି ସୂଚନା ମିଳିଛି।

# କେନ୍ଦ୍ରକୁ ଦାୟୀ କଲେ ପ୍ରସନ୍ନ

**ବରଗଡ଼ ଅଫିସ୍,୧୪।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ସମୟରେ ଚାଲିଥିବା ଚାଷୀ ଆନ୍ଦୋଳନ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ପାଇଁ ଅଡୁଆ ସାଜିଛି । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ପଦ୍ମପୁରରେ ଚାଷୀମାନେ ଧାରଣା ଜାରି ରଖିଛନ୍ତି। ଏହା ଏବେ ସବୁ ଦଳ ପାଇଁ ପ୍ରସଙ୍ଗ ମଧ୍ୟ ପାଲଟିଛି। ତେବେ ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଦୋଷାରୋପ କରୁଛନ୍ତି। ରାଜ୍ୟ ବିଜେଡ଼ି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କେନ୍ଦ୍ରର ଅବହେଳା ଯୋଗୁ କ୍ଷତିଗ୍ରସ୍ତ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଏହି ଯୋଜନା କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ରହିଛି। ଏଥିପାଇଁ ଉପୁଜିଥିବା ସମସ୍ୟାର ସମାଧାନ ମଧ୍ୟ କେନ୍ଦ୍ର ହାତରେ ରହିଛି। ଏଭଳି ଚାଷୀ ସମସ୍ୟାକୁ ନେଇ ଭାଜପା ନାଟକବାଜି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଯୋଜନା ପାଇଁ ଆବଶ୍ୟକ ପ୍ରିମିୟମ ରାଶି ରାଜ୍ୟ ସରକାର ଆଗରୁ ଜମା କରିସାରିଛନ୍ତି। ଏହାସତ୍ତ୍ୱେ ରାଜ୍ୟର ଚାଷୀମାନେ ଫସଲବୀମାରୁ ବଞ୍ଚିତ ହେବା ପରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ମୌଖିକ ଏବଂ ଲିଖିତ ଭାବେ ଜଣାଇ ଚାଷୀଙ୍କୁ ପ୍ରାପ୍ୟ ବୀମାରାଶି ପ୍ରଦାନ କରିବାକୁ ଅନୁରୋଧ କରିସାରିଛନ୍ତି। ମାତ୍ର କେନ୍ଦ୍ର କୃଷିମନ୍ତ୍ରୀ ସେଥିପ୍ରତି ନିରବ ରହିଛନ୍ତି ଏବଂ ଭାଜପା ଏଠାରେ ଚାଷୀଙ୍କୁ ବିଭ୍ରାନ୍ତ କରୁଥିବା ସେ କହିଛନ୍ତି । ପଦ୍ମପୁର ଅଞ୍ଚଳ ପ୍ରତି କେନ୍ଦ୍ରର ଅବହେଳା ଦର୍ଶାଇ ସେ କହିଥିଲେ, ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ଦେଇ ରେଳପଥ ଅଞ୍ଚଳର ଦୀର୍ଘଦିନର ଦାବି ହୋଇ ରହିଛି। ଏହାହେଲେ ଅଞ୍ଚଳ ଆହୁରି ବିକଶିତ ହେବ। ମାତ୍ର ସେଥିପ୍ରତି କେନ୍ଦ୍ର ଆଦୌ ଗୁରୁତ୍ୱ ଦେଉନାହିଁ। ସେହିପରି ପଦ୍ମପୁରକୁ କେବିକେ ଯୋଜନାରେ ସାମିଲ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ମାତ୍ର ପଦ୍ମପୁରକୁ କେବିକେ ଯୋଜନାରେ ସାମିଲ କରିବା ତ ଦୂରର କଥା, କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିଦେଲେ। ପରେ ରାଜ୍ୟ ସରକାର ବିଜୁ କେବିକେ ଯୋଜନା କାର୍ଯ୍ୟ କରିଥିବା ଆଚାର୍ଯ୍ୟ କହିଛନ୍ତି ।

## କୃଷକ ସାଥୀ ସଂଘ ବୈଠକ

**ଅମରପାଲି,୧୪।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର(ଆତ୍ମା) ସଭାଗୃହରେ କୃଷକ ସାଥୀ ସଂଘର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷକ ସଂଘ ସଭାପତି କିଶାନ ଦେହୁରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାର କୃଷକ ସାଥୀମାନଙ୍କ ପ୍ରତି ଅବିଚାର କରୁଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ରାଜ୍ୟ ସରକାର କୃଷିକର୍ମଣ ପୁରସ୍କାର ପାଉଥିବା ବେଳେ କୃଷକ ସାଥୀମାନଙ୍କ ପରିଶ୍ରମକୁ ସରକାର ଭୁଲିଯାଉଛନ୍ତି। ସେମାନେ ସରକାରଙ୍କ କୃଷି ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ସହ ସରକାରଙ୍କ ବିଜୁ କୃଷକ ସ୍ୱାସ୍ଥ୍ୟକାର୍ଡ ତିଆରିରେ ପ୍ରମୁଖ ଭୂମିକା ନେଇଥିଲେ। ହେଲେ ସେମାନଙ୍କୁ ବାରମ୍ବାର ଅଣଦେଖା କରିବା ସହ ମାସିକ ମାତ୍ର ୧ ହଜାର ଟଙ୍କା ଦରମା ଦିଆଯାଉଛି। ଏହାର ପ୍ରତିବାଦରେ ରାଜ୍ୟ ସଂଘ ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବ। ଉକ୍ତ ବୈଠକରେ ବ୍ଲକର ସମସ୍ତ କୃଷକ ସାଥୀଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣା, ଜଣେ ମୃତ

**ତରଭା, ୧୪।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ଖାରୀ ଗ୍ରାମ ନିକଟ କେନ୍ଦୁପତ୍ର ପଡ଼ି ପୂର୍ବରୁ ଥିବା ପୋଲ ପାଖରେ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତଦେହ ଏପରି ଅବସ୍ଥାରେ ରହିଛି ଯେ, ତାହାକୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ସୋମବାର ସକାଳେ ଏହା ଜଣା ପଡିବା ପରେ ତରଭା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖଣ୍ଡବିଖଣ୍ଡିତ ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ତରଭା ଡାକ୍ତରଖାନା ପଠାଇଥିଲା। ତରଭାରେ ଶବ ବ୍ୟବଚ୍ଛେଦ ପରେ ସୋନପୁର ଡାକ୍ତରଖାନାକୁ ମୃତଦେହ ପଠାଯାଇଛି। ସେଠାରେ ଚିହ୍ନଟ ପାଇଁ ୭୨ଘଣ୍ଟା ରହିବ ବୋଲି ପୋଲିସ କହିଛି।

## ଚାକିରି ସ୍ଥାୟୀ ଦାବି: ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ


ସୋନପୁର ବ୍ଲକର ଆଉଟସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି ।

**ସୋନପୁର,୧୪।୧୧(ନି.ପ୍ର.)**

ଚାକିରି ସ୍ଥାୟୀ କରିବା ଦାବିରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ସୋମବାର କଳାବ୍ୟାଜ୍ ପରିଧାନ କରି ଅଫିସ କାର୍ଯ୍ୟ କରିଛନ୍ତି। ଯୋଗାଣ, ଶ୍ରମ, ଶିକ୍ଷା, ସାମାଜିକ ସୁରକ୍ଷା, ସମବାୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜସ୍ୱ ଭଳି ମୋଟ ୧୮ଟି ସରକାରୀ ବିଭାଗରେ କାର୍ଯ୍ୟରତ ଜିଲାର ୩୬୨ ଜଣ ଆଉଟସୋର୍ସିଂ କର୍ମଚାରୀ ଏହି ପ୍ରତିକାତ୍ମକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। କର୍ମଚାରୀନ୍‌ମାନେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରିବେ। ଦାବି ପୂରଣ ନ ହେଲେ ଆସନ୍ତା ୨୬ ତାରିଖରେ ଭୁବନେଶ୍ୱରରେ ରାଲି କରାଯିବ ବୋଲି ସୁବର୍ଣ୍ଣପୁର ଜିଲା ସଂଘ ସଭାପତି ନରହରି ମହାପାତ୍ର ସୂଚନା ଦେଇଛନ୍ତି। ସୋନପୁର ବ୍ଲକରେ ଆଉଟ ସୋର୍ସିଂ କର୍ମଚାରୀ ଅଶ୍ୱିନୀ କୁମାର ମିଶ୍ର, ନରେଶ କୁମାର ମେହେର, ଶ୍ରୀନିବାସ ପ୍ରଧାନ, ପ୍ରଭାସିନୀ ସୁହାନୀ, ରାଜେଶ ମେହେର, ନିଳୀମା ମିଶ୍ର, ମେନକା ଦୀପ ଓ ସତ୍ୟମ ସା ପ୍ରମୁଖ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଥିଲେ।

# ବରଗଡ଼ ଧନୁଯାତ୍ରା: ଗୋପପୁର କଳାକାର ଚୟନ


ସମ୍ରାଟ ମହାପାତ୍ର।


ଶ୍ରେୟସ ପୂଜାରୀ।


ବୈଷ୍ଣବୀ ବିର୍ତ୍ତିଆ।

**ବରଗଡ଼ ଅଫିସ୍,୧୪।୧୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ମଥୁରାନଗରୀ କଳାକାର ଚୟନ ସରିବା ପରେ ସୋମବାର ସନ୍ଧ୍ୟାରେ ଗୋପପୁର କଳାକାର ଚୟନ କରାଯାଇଥିଲା। ଗୋପପୁର କମିଟି କରିଥିବା ଏହି ଚୟନ ପ୍ରକ୍ରିୟାରେ ଏଥର ସମ୍ରାଟ ମହାପାତ୍ର କୃଷ୍ଣ ଏବଂ ଶ୍ରେୟସ ପୂଜାରୀ ବଳରାମ ଚରିତ୍ର ପାଇଁ ମନୋନିତ ହୋଇଛନ୍ତି। ସେହିପରି ବୈଷ୍ଣବୀ ବିର୍ତ୍ତିଆଙ୍କୁ ରାଧା ଏବଂ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କୁ ମଧୁମଙ୍ଗଳ ଚରିତ୍ର ପାଇଁ ମନୋନୟନ କରାଯାଇଛି। ସମ୍ରାଟ ଅମ୍ବାପାଲି ଗ୍ରାମର ସୁରେଶ ମହାପାତ୍ର ଓ ମିନତୀଙ୍କ ପୁଅ ହୋଇଥିବାବେଳେ ଶ୍ରେୟସ ମହେନ୍ଦ୍ର ପୂଜାରୀ ଓ ଜୟନ୍ତୀଙ୍କ ପୁଅ ଅଟନ୍ତି। ଉଭୟେ ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିର ହିନ୍ଦୀ ବିଭାଗର ଛାତ୍ର ଅଟନ୍ତି। ସ୍ଥାନୀୟ ଦୁର୍ଗାମଣ୍ଡପରେ ହୋଇଥିବା ଚୟନ ପ୍ରକ୍ରିୟାରେ ଦୟାନିଧି ପ୍ରଧାନ, ରାଜକୁମାର ପ୍ରଧାନ, ମହାଦେବ ବିର୍ତ୍ତିଆ, ଦଶରଥ ଅଗ୍ରୱାଲ, ଈଶ୍ୱର ବାଗ, ସତ୍ୟନାରାୟଣ ପୋଢ଼, ସୁଖଦେବ ଭୋଇ, ଗୁଲଠୁ ପ୍ରଧାନ, ରାକେଶ ବୁଢ଼େକ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ଭାରତଯୋଡ଼ୋ ପଦଯାତ୍ରା ପ୍ରସ୍ତୁତି

**ଡୁଙ୍ଗୁରିପାଲି, ୧୪।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଡିସେମ୍ବର ମାସର ଶେଷ ସମୟରେ ହେବାକୁ ଥିବା ଭାରତ ଯୋଡ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୌରୀଶ୍ୟାମ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ କଂଗ୍ରେସ କମିଟି ସଭାପତି ଚିତ୍ତରଞ୍ଜନ ମିଶ୍ର ଯାତ୍ରାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପଦଯାତ୍ରା ଜାତୀୟ ରାଜପଥ ୨୬ ଚିନାଯୁରୀରୁ ଚେରୁପାଲି ପର୍ଯ୍ୟନ୍ତ ପ୍ରାୟ ୧୧ କିମି ପରିକ୍ରମା କରିବ ବୋଲି ଜିଲା ସଭାପତି ପଣ୍ଡା ସୂଚନା ଦେଇଥିଲେ। ଏହି ବୈଠକରେ ଜିଲା ପରିଷଦ ସଦସ୍ୟ ଲବ ସାହୁ, ପିସିସି ସଦସ୍ୟ ଜିତେନ୍ଦ୍ର ପଟନାୟକ, ରାଜଗୋପାଳ ପାଣିଗ୍ରାହୀ, ଶେଷଦେବ ମେହେର, ଜଗନ୍ନାଥ ତ୍ରିବେଦୀ, ବିରେନ ଝୁଆଡ଼ି, ରାଜେନ୍ଦ୍ର ନାଗ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ହେଉ

**ବରଗଡ଼ ଅଫିସ୍,୧୪।୧୧**

**କୋସଲ ସେନାର ଦାବି**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହେବ। ୨୦୨୩ ଜାନୁୟାରୀ ୬ତାରିଖ ଯାଏ ଏହା ଚାଲିବ। ଏଥର ଧନୁଯାତ୍ରା ମହୋତ୍ସବ ୭୫ବର୍ଷରେ ପଦାର୍ପଣ କରିବ। ଚଳିତବର୍ଷ ଧନୁଯାତ୍ରା ହୀରକ ଜୟନ୍ତୀ ପାଳନ କରୁଥିବାରୁ ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ (କୋଶଲି) ଭାଷାରେ କରିବାକୁ କୋସଲ ସେନା ଦାବି କରିଛି। ମହୋତ୍ସବର ସଂଳାପ ଆଦି ସମ୍ବଲପୁରୀ ଭାଷାରେ କରିବା ଦାବିରେ ସୋମବାର କୋସଲ ସେନା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ରରେ ପ୍ରଦାନ କରିଛି।


ସ୍ମାରକପତ୍ର ପ୍ରଦାନ କରିଥିବା କୋସଲ ସେନାର ସଦସ୍ୟବୃନ୍ଦ।

ସମ୍ବଲପୁରୀ(କୋଶଲି) ଭାଷା, ସଂସ୍କୃତି ଏବଂ ପରମ୍ପରାକୁ ନେଇ ସମ୍ବଲପୁରିଆ ତଥା କୋସଲବାସୀ ଗର୍ବିତ ଅଟନ୍ତି। ଏହି ଭାଷାରେ ରଙ୍ଗବତୀ ଗୀତ, ଶଲାବୁଡ଼ା ଫିଲ୍ମ ଦେଶ, ବିଦେଶରେ ଆଦୃତି ଲାଭ କରିଥିବାବେଳେ ଲୋକକବି ହଳଧର ନାଗ ପଦ୍ମଶ୍ରୀ ସମ୍ମାନ ପାଇଛନ୍ତି। ସେହିପରି ବରଗଡ଼ ଧନୁଯାତ୍ରା ମହୋତ୍ସବ ମଧ୍ୟ ବିଶ୍ୱପ୍ରସିଦ୍ଧ ହୋଇଥିବା ଯୋଗୁ ଏହି ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବାକୁ କୋସଲ ସେନା ଦାବି କରିଛି। ଗତ ୨୦୧୯ରୁ ଏହି ଦାବି ହୋଇଆସୁଛି। ମାତ୍ର କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଥର ଧନୁଯାତ୍ରା ସମ୍ବଲପୁରୀ ଭାଷାରେ କରା ନ ଗଲେ କେସଲ ସେନା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। କୋସଲ ସେନାର ବିରବଲ ମହାକୁରଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ପାଚିକା ସଂଘର ବିକ୍ଷୋଭ

**ବରଗଡ଼ ଅଫିସ୍,୧୪।୧୧**



ଜିଲାପାଳଙ୍କ ଅଫିସ ଆଗରେ ପାଚିକା ସଂଘର ବିକ୍ଷୋଭ ।

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ୯ଦଫା ଦାବି ନେଇ ସୋମବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ୯ଦଫା ଦାବି କରାଯାଇଛି । ପାଚକ, ପାଚିକାଙ୍କ ପାଇଁ ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଦୈନିକ ୩୧୯ ଟଙ୍କା ଲାଗୁ କରାଯିବା ସହିତ ମାସିକ ୯୫୭୦ ଟଙ୍କା ପ୍ରଦାନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା ପ୍ରଦାନ, ଚିକିତ୍ସା ଭତ୍ତା ସହିତ ଜୀବନ ବୀମା ସୁବିଧା ପ୍ରଦାନ, ୨୦୧୮ ଜାନୁୟାରୀରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ପ୍ରଦାନ ପାଇଁ ସ୍ମାରକପତ୍ରରେ ଦାବି ହୋଇଛି । ଏହା ସହିତ ଏସ୍‌ଏମ୍‌ସି ବାହାର କରିବା ଏବଂ ନିଯୁକ୍ତି ଦେବା ବ୍ୟବସ୍ଥାକୁ ସରକାର ସିଧାସଳଖ ନିୟନ୍ତ୍ରଣରେ ରଖିବା, ଦୈନିକ ମଜୁରୀଆର ସ୍ୱୀକୃତି ଦେଇ ଭବିଷ୍ୟତ ନିଧି ଯୋଜନାରେ ସାମିଲ, ୬୦ବର୍ଷରୁ ଅଧିକ ବୟସ୍କଙ୍କୁ କାର୍ଯ୍ୟରୁ ଅବ୍ୟାହତ ପରେ ପେନସନ ପ୍ରଦାନ, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ଏବଂ ଖରାଛୁଟିର ଦରମା ଦେବାକୁ ଦାବି ହୋଇଛି। ମହାସଂଘ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ପାଚକ, ପାଚିକା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ଶିବିର

**ଦେବଗଡ, ୧୪।୧୧(ଡି.ଏନ.ଏ):** ବାରକୋଟ ବ୍ଲକ ଦଣ୍ଡାସିଂହା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗ ଦେଇ ୭୦ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ୫୫ଟି, ସାମୂହିକ ୧୫ଟି ସମସ୍ୟା ଉପରେ ଆଧାରିତ ଥିଲା। ଶିବିରରେ ବିଭିନ୍ନ ସମସ୍ୟା ଯଥା ରାସ୍ତାଘାଟ, ନଳକୂପ, ହାତୀ ଦ୍ୱାରା ଚାଷଜମି କ୍ଷୟକ୍ଷତି, ଭାଗବତ ଟୁଙ୍ଗୀ, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ପାନୀୟଜଳ, ଖେଳପଡିଆ ଉନ୍ନତିକରଣ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଉପାଧ୍ୟାୟ ଏହାର ପ୍ରତିକାର ପାଇଁ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ପିଡିଡିଆରଡିଏ ଲୁକାସ ପ୍ରଧାନ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କ ପରଲୋକ

**ଦେବଗଡ଼, ୧୪।୧୧(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଟୁହିଲାମାଳ ଗ୍ରାମର ଗଗନ ବିହାରୀ ନାୟକଙ୍କ ସୋମବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ରିଆମାଳ ଅଞ୍ଚଳର ଜଣେ ଜଣାଶୁଣା ଶିକ୍ଷା ସଙ୍ଗଠନ ଓ ପରୋପକାରୀ ମେଳାପୀ ବ୍ୟକ୍ତିତ୍ୱ ଭାବେ ସୁପରିଚିତ ଥିବା ସ୍ୱର୍ଗତ ନାୟକ ତାରଙ୍ଗ ପଞ୍ଚାୟତର ସେକ୍ରେଟାରୀ ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ତାରଙ୍ଗ ପଞ୍ଚାୟତ ହାଇସ୍କୁଲ, ଟୁହିଲାମାଳ ପଞ୍ଚାୟତ ହାଇସ୍କୁଲ ତାଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା। ଅପରାହ୍ନରେ ସ୍ଥାନୀୟ ବାଉଁଯୋରା ନାଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ପୋଖରୀ ମଧ୍ୟରେ ପଶିଲା ଟ୍ରକ: ଷ୍ଟିଅରିଂରେ ଚାପିହୋଇ ଚାଳକଙ୍କ ମୃତ୍ୟୁ



**ଦେବଗଡ଼, ୧୪।୧୧(ଡି.ଏନ.ଏ):** ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଦେବଗଡ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମରେ ରାଞ୍ଚି-ବିଜୟୱାଡା ରାସ୍ତା କଡରେ ଥିବା ଏକ ପୋଖରୀ ମଧ୍ୟକୁ ଓଲଟି ପଡିଛି। ଫଳରେ ଟ୍ରକ ଷ୍ଟିଅରିଂରେ ଚାପିହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତଦେହ ଉଦ୍ଧାର ପାଇଁ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏବଂ ଅଗ୍ନିଶମ ବାହିନୀ ନାକେଦମ ହୋଇପଡିବା ସହ ଦୁର୍ଘଟଣାର ଦୀର୍ଘ ୧୬ ଘଣ୍ଟା ପରେ ମୃତଦେହ ଉଦ୍ଧାର କରିଥିଲେ। ଖବର ମୁତାବକ ରବିବାର ରାତି ପ୍ରାୟ ୩ଟାରେ ଦେବଗଡ ପଟୁ ତାଳଚେର ପଟକୁ ଯାଉଥିବା ବେଳେ ସୁଗୁଡା ଗ୍ରାମ ନିକଟସ୍ଥ ଏକ ବୁଲାଣିରେ ଟ୍ରକର ଚାଳକ ଭାରସାମ୍ୟ ହରାଇବାରୁ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସକାଳେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଦେବଗଡ ଦମକଳ ବାହିନୀ ଉଦ୍ଧାର ପାଇଁ ଘଟଣା ସ୍ଥଳରେ ପହଞ୍ଚିଥିଲା।

# କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଅ

- ଶରଣଖୋଳରେ ଚକଡା ପୋକ ଦ୍ୱାରା କ୍ଷୟକ୍ଷତି
- ଦେବଗଡ଼ ଜିଲା କଂଗ୍ରେସର ସ୍ମାରକପତ୍ର ପ୍ରଦାନ

**ଦେବଗଡ଼, ୧୪।୧୧(ଡି.ଏନ.ଏ)**

ଦେବଗଡ଼ ଜିଲାର ଆଦିବାସୀ ବହୁଳ ତିଲେଇବଣି ବ୍ଲକର ଶରଣଖୋଳ ସମେତ ବିଭିନ୍ନ ଗ୍ରାମରେ ଚକଡା ପୋକ ଦ୍ୱାରା ବହୁ କ୍ଷୟକ୍ଷତି ଘଟୁଛି। ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇଛି। ସେହିପରି ଚକଡା ପୋକ ପ୍ରଭାବିତ ଶରଣଖୋଳ ଗ୍ରାମ ପରିଦର୍ଶନ ପରେ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ କ୍ଷତିପୂରଣ ଦାବିରେ ଜିଲା କଂଗ୍ରେସ ପକ୍ଷରୁ ଦେବଗଡ଼ ଜିଲାପାଳଙ୍କୁ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ସାଧାରଣ ସମ୍ପାଦକ ବିନୋଦ ବିହାରୀ ନାୟକ ଓ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ




କଂଗ୍ରେସ ନେତା, କର୍ମୀମାନେ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

କର୍ମୀ ସ୍ଥାନୀୟ ଆହାର କେନ୍ଦ୍ର ନିକଟରୁ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହା ପରେ ଚକଡା ପୋକ ଦ୍ୱାରା ପ୍ରଭାବିତ ଶରଣଖୋଳ ଜୁଆଳୀଭଙ୍ଗା ଗ୍ରାମବାସୀଙ୍କୁ ଅବିଳମ୍ବେ କ୍ଷତିପୂରଣ ପ୍ରଦାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଗ୍ରହଣ କରିଥିଲେ। ଏହା ପରେ ସେମାନେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ମଧ ଉକ୍ତ ସ୍ମାରକପତ୍ରର ନକଲ ପ୍ରଦାନ କରିଥିଲେ। ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କିଷାନ ସେଲ୍ ସଭାପତି ସନ୍ତୋଷ କୁମାର ସାହୁ, ନଗର କଂଗ୍ରେସ ସଭାପତି ପ୍ରକାଶ କୁମାର ଦେବତା, ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ,ଦୀପକ କୁମାର ବେହେରା, ପଞ୍ଚୁଲାଲ ବରାଇ, ରାକେଶ ବେହେରା ଓ ଅମରଜିତ ବାର୍ଲାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

### ମଧୁସ୍ମିତା ରାଉତ ହେଲେ ଏମ୍‌ପିଙ୍କ ପୌର ପ୍ରତିନିଧି

**ରାଜଗାଙ୍ଗପୁର, ୧୪।୧୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ରାଜଗାଙ୍ଗପୁର ପୌରପରିଷଦ ପାଇଁ ନୂତନ ଭାବେ ତାଙ୍କର ପ୍ରତିନିଧି ଚୟନ କରି ଅବସ୍ଥାପିତ କରିଛନ୍ତି। ଏହି ସଂକ୍ରାନ୍ତରେ ସୋମବାର ଜୁଏଲ ଓରାମ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିରେ ନୂତନ ଭାବେ ରାଜଗାଙ୍ଗପୁର ୭ନଂ. ୱାର୍ଡର ବାସିନ୍ଦା ତଥା ଭାଜପାର ପୁରୁଣା କାର୍ଯ୍ୟକର୍ତ୍ତା ମଧୁସ୍ମିତା ରାଉତଙ୍କୁ ରାଜଗାଙ୍ଗପୁର ପୌରପରିଷଦର ପ୍ରତିନିଧି ଭାବେ ଅବସ୍ଥାପିତ କରାଯାଇଛି। ନବ ନିଯୁକ୍ତ ପ୍ରତିନିଧିଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ପ୍ରଦାନ କରାଯାଇଛି।



ମଧୁସ୍ମିତା ରାଉତ

# ଟିଏମ୍‌ସି ନେତାଙ୍କୁ ଗିରଫ ଦାବି କଲା ଭାଜପା

**ଦେବଗଡ଼, ୧୪।୧୧(ଡି.ଏନ୍.ଏ.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଆଶାଳୀନ ବୟାନ ଦେଇଥିବା ପଶ୍ଚିମବଙ୍ଗର ଟିଏମ୍‌ସି ନେତା ତଥା ମନ୍ତ୍ରୀ ଅଖିଳ ଗିରିଙ୍କର ତୁରନ୍ତ ବହିଷ୍କାର ଓ ଗିରଫ ଦାବି କରିଛି ଭାଜପା। ସୋମବାର ଭାଜପା ପକ୍ଷରୁ ଦେବଗଡ ଥାନାରେ ଏକ ଏତଲା ଦିଆଯାଇଛି । ଉକ୍ତ ଏତଲା ପ୍ରଦାନ ବେଳେ ଭାଜପା ରାଜ୍ୟ ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ସୁଧିର ବ୍ରହ୍ମା, ପୌରପରିଷଦର ଉପନଗରପାଳ ପ୍ରଜିତ ଭୋଜ,( ଝୁନୁ) ଦୟାଶଙ୍କର ଦ୍ୱିବେଦୀ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ଭୂତିଆ, କାଉନସିଲର କାର୍ତ୍ତିକ ମହାକୁଳ, ମଧୁସୂଦନ



ଭାଜପା କର୍ମକର୍ତ୍ତା ଦେବଗଡ ଥାନାରେ ଏତଲା ଦେବାକୁ ଯାଉଛନ୍ତି।

ବାଘ, ସରୋଜିନୀ ମୁଣ୍ଡା, ରାଜଶ୍ରୀ ବରାଇ, ବିଶ୍ୱଜିତ ବେହେରା, ପିଲୁ ରାଜେଶ ନାୟକ, ବାବୁଲି କର, ରାଜେଶ ମଲ୍ଲିକ, ଆଶିଷ ଦେବତା, ପଞ୍ଚାନନ ଆଚାର୍ଯ୍ୟ, ପୁନିଆ ମୁଣ୍ଡା, ଦେବାନନ୍ଦ ନାୟକ, ମହାଦେବ ନାଏକ, ଲିକନ ନାଏକ, ପୁପୁନ ନାଏକ ପ୍ରମୁଖ ଉପସ୍ଥିତ ରହି ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଦେବଗଡ ଥାନା ଆଇଆଇସି ସୁରେନ୍ଦ୍ର ନାୟକଙ୍କୁ ଉକ୍ତ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

### ଗଛରୁ ଝୁଲନ୍ତା ମୃତଦେହ ଜବତ

**ଲହୁଣୀପଡା, ୧୪।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ-୧୪୩ ନମ୍ବର ଜାତୀୟ ରାଜପଥର ଠିଆବେର୍ଣ୍ଣା ଛକର ବାମ ପଟ ଜଙ୍ଗଲରୁ ସୋମବାର ଲହୁଣୀପଡା ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଗଛରୁ ଝୁଲନ୍ତା ଅବସ୍ଥାରେ ଜବତ କରି ବଣାଇ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ପୋଲିସ ପକ୍ଷରୁ ଶିଶୁ ଦିବସ

**ସୁନ୍ଦରଗଡ଼, ୧୪।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଟାଉନଥାନା ପୋଲିସ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସେଣ୍ଟର ଟେରେସା ବିଦ୍ୟାଳୟର ୨୫ ଛାତ୍ରୀ ଛାତ୍ର ଯୋଗ ଦେଇ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। 'ପୋଲିସ ଆମର ବନ୍ଧୁ' ଶୀର୍ଷକ ଏହି ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏସପି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ଟାଉନଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ପରିଚାଳନା କରିଥିଲେ।

# ଟେନ୍‌ସା ଡିଏଭି ପବ୍ଲିକ ସ୍କୁଲରେ ଶିଶୁ ଦିବସ



ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଶିଶୁ ଦିବସ ପାଳନ କରାଯାଉଛି।

**ଟେନ୍‌ସା, ୧୪।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଟେନ୍‌ସାଠାରେ ଥିବା ଡି. ଏ.ଭି ପବ୍ଲିକ ସ୍କୁଲ ପକ୍ଷରୁ ଶିଶୁ ଦିବସ ସୋମବାର ପାଳିତ ହୋଇଯାଇଛି। ସ୍କୁଲର ଭାରପ୍ରାପ୍ତ ଅଧକ୍ଷ ରବିନାରାୟଣ ବେହେରାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡିଏଭି ସ୍କୁଲର ପରିଚାଳନା କମିଟିର ସଭାପତି ତଥା ବରସୁଆଁ ଲୌହ ଖଣିର ଭାରପ୍ରାପ୍ତ ମହାପ୍ରବନ୍ଧକ ତିଳକ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଲୌହ ଖଣିର ଉପସଭାପତି, ପ୍ରମୋଦ କୁମାର ପାତ୍ର, ବରସୁଆ ଲୌହ ଖଣିର ପ୍ରଶାସନ ବିଭାଗର ଉପମହାପ୍ରବନ୍ଧକ ଜ୍ୟୋତିପ୍ରକାଶ ମିଶ୍ର, ଗାୟତ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ସ୍କୁଲ ପରିସର ମଧ୍ୟରେ ବିଜ୍ଞାନ, କଳା, ହସ୍ତକଳା ଆଦିର ପ୍ରଦର୍ଶନୀ ହୋଇଥିବା କାରୁକାର୍ଯ୍ୟକୁ ବୁଲି ଦେଖିଥିଲେ। ଉପସ୍ଥିତ ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଉତ୍ସବ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଓ ଡ୍ରାମେବାଜ ଆଦିର ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକଗଣ ଉପସ୍ଥିତ ହୋଇ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। ସ୍କୁଲର ଶିକ୍ଷକ ସତ୍ୟ ପ୍ରକାଶ ସକ୍ସେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଭାସ୍କର ଚନ୍ଦ୍ର ମଙ୍ଗରାଜ, ପୁରୁଷୋତ୍ତମ ବେହେରା ପରିଚାଳନା କରିଥିଲେ। ଅର୍ଚ୍ଚନା ପଟ୍ଟନାୟକଙ୍କ ନେତୃତ୍ୱରେ ନୃତ୍ୟ ପରିବେଷଣ କରାଯାଇଥିଲା।

# ଡାଲମିଆ ସିମେଣ୍ଟ ପକ୍ଷରୁ ଆରମ୍ଭ ହେଲା ପ୍ରୋଜେକ୍ଟ ହସ୍ତକଳା

**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୧୪।୧୧ (ଡି.ଏନ୍.ଏ.)**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ପକ୍ଷରୁ ରାଜଗାଙ୍ଗପୁର ବ୍ଲକ ଝଗରପୁର ଗ୍ରାମରେ ମହିଳାଙ୍କ ପାଇଁ ଏକ ନବୀନତମ ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ହସ୍ତକଳା' ଶୁଭାରମ୍ଭ ହୋଇଛି। ପ୍ରୋଜେକ୍ଟ ହସ୍ତକଳା ଝଗରପୁର ଗ୍ରାମର ମହିଳାଙ୍କୁ ବିଶ୍ୱସ୍ତରରେ ଆଦୃତ ଟାଇ ଆଣ୍ଡ ଡାଇ ବାଟିକ କଳାର ଜ୍ଞାନ ଓ କୁଶଳୀ ପ୍ରୟୋଗ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଏହି ପ୍ରୋଜେକ୍ଟ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ)ର ପୁନର୍ବାସ ଓ ଥଇଥାନ ଟିମ୍ ପକ୍ଷରୁ ସୁନ୍ଦରଗଡ଼ର କଳାୟତନ ଇନଷ୍ଟିଚ୍ୟୁଟ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି।

ପାରିପାର୍ଶ୍ୱିକ ଗୋଷ୍ଠୀଗୁଡିକର ପାରିବାରିକ ଆୟ ବୃଦ୍ଧି ନିମନ୍ତେ ଡିସିବିଏଲ ବିବିଧ ଜୀବିକା ଉପାର୍ଜନକାରୀ କାର୍ଯ୍ୟକ୍ରମ ସୃଷ୍ଟି କରୁଛି। ଡିସିବିଏଲ୍ ପୁନର୍ବାସ ଓ ଥଇଥାନ ଟିମ୍ ଉକ୍ତ ଅଞ୍ଚଳରେ ଚାହିଦା ଓ ଯୋଗାଣ ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ ରହୁଥିବା ଚିହ୍ନଟ କରିଛନ୍ତି। ଏଥିପାଇଁ କୁଶଳୀ କାରିଗରୀ ଲୋକଙ୍କ ଅଭାବ ଏହାର ମୂଳ କାରଣ ଭାବରେ ନିରୂପଣ କରାଯାଇଛି।




ରାଜଗାଙ୍ଗପୁର ଅଞ୍ଚଳର ମହିଳାମାନଙ୍କ ଦ୍ୱାରା ହସ୍ତକଳା ସାମଗ୍ରୀ।

ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମିକ ଭାବରେ କାର୍ଯ୍ୟକାରୀ କରାଯିବ। ଯେଉଁଥିରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୩ ମହିଳାଙ୍କୁ ନେଇ ପାଇଲଟ କାର୍ଯ୍ୟକ୍ରମ କରାଯିବ। ତପ୍ରେ ପ୍ରତ୍ୟେକଙ୍କୁ ନିୟମିତ ୮ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ଆୟ ଉତ୍ସ ଯୋଗାଇଦେବା ଲକ୍ଷ୍ୟରେ ଆଉ ୧୭୦ ଜଣ ହିତାଧିକାରୀଙ୍କୁ ତାଲିମ ପ୍ରଦାନ ଜରିଆରେ ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ। ଡିସିବିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ରାଜଗାଙ୍ଗପୁର ୟୁନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଦୀର୍ଘସ୍ଥାୟୀ ଏବଂ ପରିବ୍ୟାପ୍ତଶୀଳ କୁଶଳତା କାର୍ଯ୍ୟକ୍ରମ ସୃଷ୍ଟି କରିବା। ଯାହା ସମାଜର ବିଭିନ୍ନ ବର୍ଗଙ୍କ ନିମନ୍ତେ ପ୍ରକୃତ ଜୀବିକା ଉପାର୍ଜନ ବିକଳ୍ପ ଯୋଗାଇ ଦେଇପାରିବ। ସେଥିରେ ଆମର ପରମ୍ପରା ଏବଂ ଐତିହ୍ୟର ନିରବଚ୍ଛିନ୍ନତା ମଧ ରହିଛି। ବହୁ ପ୍ରତୀକ୍ଷିତ ତାଲିମ କାର୍ଯ୍ୟକ୍ରମକୁ ଡିସିବିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ ଏବଂ ଜୀବିକା ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସାମୁଏଲ ଟପ୍ପୋ କିଛିଦିନ ତଳେ ଉଦ୍‌ଘାଟନ କରିଥିଲେ। ରାଜଗାଙ୍ଗପୁର ବିଡ଼ିଓ ପିୟୁଷ ଲୋହାର, ଓର୍‌ମାସ ଡେପୁଟି ସିଇଓ କେଶବ ଚନ୍ଦ୍ର ଝା ନିକଟରେ ସେଣ୍ଟର ପରିଦର୍ଶନ କରି ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି।

# ଶଙ୍କରାରେ ଖୋଲିଲା ଦତ୍ତ ଆଇ କେୟାର

**ସୁନ୍ଦରଗଡ଼, ୧୫।୧୧(ଡି.ଏନ.ଏ.)**

ସମଲେଶ୍ୱରୀ ହସ୍‌ପିଟାଲ ପକ୍ଷରୁ ପ୍ରଥମ କରି ସହରର ଶଙ୍କରାଠାରେ ଦତ୍ତ ଆଇ କେୟାର ସେଣ୍ଟର ଖୋଲିଛି। ସୁନ୍ଦରଗଡ଼ବାସୀଙ୍କୁ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ ଲକ୍ଷ୍ୟ ନେଇ ସମଲେଶ୍ୱରୀ ହସପିଟାଲ ପକ୍ଷରୁ ଏହା ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. କରୁଣାକର ପଟେଲ ଯୋଗଦେଇ ଏହି ଆଇ କେୟାର ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ଭରତୀ



ଆଇ କେୟାର ସେଣ୍ଟର ଶୁଭାରମ୍ଭ କରାଯାଉଛି।

ବେହେରା, ସହକାରୀ ପ୍ରଫେସର ଡା ଋତାୟାନୀ ଦାଶ, ଭେଷଜ ବିଶେଷଜ୍ଞ ଡା. ସଦୟ କୁମାର ଦାଶ, ଶଲ୍ୟ ଚିକିତ୍ସକ ଡା. ସୁବୋଧ ରଥ, ଶିଶୁରୋଗ ବିଶେଷଜ୍ଞ ମନୋଜ ଆଚାର୍ଯ୍ୟ, ଡା. ଅମର ଦାଶ, ଡା. ରାଜେଶ ସେନାପତି, କୁମାରେନ୍ଦୁ ମିଶ୍ର, ସୁନୁ ମିଶ୍ର, ପରିଚାଳକ ପ୍ରଦୀପ ଦତ୍ତ ଉପସ୍ଥିତ ଥିଲେ।

# ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ

**ଦେବଗଡ଼, ୧୪।୧୧(ଡି.ଏନ.ଏ)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ବିଭାଗ ଅଧିନସ୍ଥ ଦେବଗଡ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ରିଆମାଳ ବ୍ଲକ ଅନ୍ତର୍ଗତ ଟୁହିଲାମାଳ ଗ୍ରାମ ପଞ୍ଚାୟତ ସଭାଗୃହରେ ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟୁହିଲାମାଳ ସରପଞ୍ଚ ଜଳି ନାୟକ ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଦୟାନିଧି ବେହେରା, ରାଜୀବ ଲୋଚନ କ୍ଷେତି, ନୀଳାଚଳ ବେହେରା, ଦିଲୀପ ମହାକୁଡ, ଧିରେନ୍ଦ୍ର ବିଶି ଓ ଏମ୍.ବି.କେ. ସୁଷମା ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ବିତର୍କପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ହିରଣ୍ମୟୀ ପ୍ରଧାନ ଓ ସାଗର ପ୍ରଧାନ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଟୁମକୀ କିସାନ ଦ୍ୱିତୀୟ ଏବଂ ଏବଂ ପୂଜାରାଣୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବିତର୍କ ପ୍ରତିଯୋଗିତାରେ ଧନେଶ୍ୱର ବିଶି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଓ ରିତେଶ ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷକ ରଞ୍ଜନ ବିଶି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପିପୁଲ ସାହୁ ଓ ଯଶୋବନ୍ତୀ ବେହେରା ସହଯୋଗ କରିଥିଲେ।




ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି।

# ଚପାଇଦେବାକୁ ଉଦ୍ୟମ: ତଦନ୍ତରେ ବିଳମ୍ବ

### ଲିଙ୍ଗ ନିରୂପଣ, ଭ୍ରୂଣ ହତ୍ୟା ଅଭିଯୋଗ ଘଟଣା

**ସମ୍ବଲପୁର, ୧୪।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ରେଢ଼ାଖୋଲର ଦୁଇଟି କ୍ଲିନିକରେ ଲିଙ୍ଗ ନିରୂପଣ, ଭ୍ରୂଣ ହତ୍ୟା ଓ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ଅଲଟ୍ରା ସାଉଣ୍ଡ ମେସିନ ପରିଚାଳନା ଅଭିଯୋଗ ହୋଇଥିଲା । ତେବେ ଏହାର ତଦନ୍ତରେ ବିଳମ୍ବ କରାଯିବା ସହ ଏହାକୁ ଚପାଇଦେବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି।

ରେଢ଼ାଖୋଲରେ ଥିବା ବେହେରା ଅଲଟ୍ରା ସାଉଣ୍ଡ କେନ୍ଦ୍ର ଓ ମାହେଶ୍ୱରୀ ଅଲଟ୍ରା ସାଉଣ୍ଡ କ୍ଲିନିକ ନାମରେ ଭ୍ରୂଣ ହତ୍ୟା ଓ ଲିଙ୍ଗ ନିରୂପଣ କରିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଥିଲା। ଜିଲାପାଳ ଅନନ୍ୟା ଦାସଙ୍କ ନିକଟରେ ଏହି ଅଭିଯୋଗ ହେବା ପରେ ସେ ରେଢ଼ାଖୋଲ ଉପଜିଲାପାଳ ପବିତ୍ର ମୋହନ ବେହେରା ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପଙ୍କଜ ପଟେଲଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସର ଡା. ଭରତ ଚନ୍ଦ୍ର ଦାସ ବେହେରା କେନ୍ଦ୍ରକୁ ଯାଇ ତଦନ୍ତ କରିଥିଲେ। ବେହେରା ଅଲଟ୍ରା ସାଉଣ୍ଡ କେନ୍ଦ୍ରକୁ ପରିଦର୍ଶନ ସମୟରେ କ୍ଲିନିକରେ କାଗଜପତ୍ର ତ୍ରୁଟି ଥିବା ନେଇ ଜାଣିବାକୁ ପାଇ ଏହାକୁ ଠିକ୍ କରି ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଭିଯୋଗ ଅନୁସାରେ ତଦନ୍ତ କରାଯାଇ ନାହିଁ। କ୍ଲିନିକରେ ଅନୁବନ୍ଧିତ ଡାକ୍ତରମାନଙ୍କ ବୟାନ ରେକର୍ଡ କରାଯାଇନାହିଁ। ଅନୁମତି ପ୍ରଦାନ କରିବା ସମୟରେ ଯେଉଁ ସବୁ ନିୟମ ରହିଛି ତାହା ମଧ ଠିକ ଅଛି କି ନାହିଁ ଯାଞ୍ଚ କରାଯାଇନାହିଁ। ଏପରି କି ଅଭିଯୋଗକାରୀଙ୍କୁ ଭେଟି ବୟାନ ରେକର୍ଡ କରାଯାଇନାହିଁ ବୋଲି ଅଭିଯୋଗ ହେଉଛି। ସେହିପରି ଉପଜିଲାପାଳ ବେହେରାଙ୍କୁ ଜିଲାପାଳ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଦେବା ପରେ ବି ଉପଜିଲାପାଳ ବେହେରା ଏପର୍ଯ୍ୟନ୍ତ ତଦନ୍ତ ଆରମ୍ଭ କରିନାହାନ୍ତି। ତେଣୁ ବାସ୍ତବରେ ଉଭୟ କେନ୍ଦ୍ର ନାଁରେ ହୋଇଥିବା ଅଭିଯୋଗକୁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ମିଳିମିଶି ଚାପି ଦେବାକୁ ଉଦ୍ୟମ କରୁଥିବା ଭଳି ଜଣାପଡୁଛି। ତଦନ୍ତରେ ବିଳମ୍ବ ହେଲେ ଲୋକମାନେ ଉଚିତ ନ୍ୟାୟ ପାଇବେ ନାହିଁ ବୋଲି ଆଲୋଚନା ହେଉଛି। ସିଡିଏମ୍‌ଓ ପଟେଲ ସତ୍ୟ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ ତଦନ୍ତ ବାଟବଣା ହେଉଥିବାରୁ କାର୍ଯ୍ୟାନୁଷ୍ଠାନ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସିଡିଏମ୍‌ଓ ପଟେଲ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ନୋଡାଲ ଅଧିକାରୀ ତଦନ୍ତ କରିଛନ୍ତି। ହେଲେ ରିପୋର୍ଟ ଦାଖଲ କରିନାହାନ୍ତି। କେତେକ ଦିଗରେ ତଦନ୍ତ ବାକି ରହିଛି। ଏହାକୁ ନେଇ ବିଳମ୍ବ ହେଉଛି। ପ୍ରଶାସନିକ ସ୍ତରରେ ମଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି କହିଥିଲେ। ଅନ୍ୟପଟେ ଉପଜିଲାପାଳ ବେହେରା କହିଛନ୍ତି, ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ତଦନ୍ତ ଆରମ୍ଭ ହୋଇନାହିଁ। ନିଶ୍ଚିତ ଭାବେ ଅଭିଯୋଗ ଉପରେ ତଦନ୍ତ କରାଯିବ। କେନ୍ଦ୍ରଗୁଡ଼ିକରେ କଣ ସମସ୍ୟା ରହିଛି। ଅଭିଯୋଗର ସତ୍ୟତାକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ରେଢ଼ାଖୋଲର ନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବୀରେନ୍ଦ୍ର ମହାନ୍ତିଙ୍କ ଅଭିଯୋଗକ୍ରମେ ପ୍ରାୟ ୧୨ବର୍ଷରୁ ଊର୍ଦ୍ଧ୍ୱ ହେବ ମାହେଶ୍ୱରୀ ଅଲଟ୍ରା ସାଉଣ୍ଡ କ୍ଲିନିକ ଖୋଲା ହୋଇଛି। ଏହି କ୍ଲିନିକକୁ ପରିଚାଳନା କରିବା ପାଇଁ ଅନୁମୋଦିତ ଡାକ୍ତର ଆସୁନାହାନ୍ତି। ସେ ରାଜ୍ୟ ବାହାରେ କାର୍ଯ୍ୟ କରୁଛନ୍ତି। ଅନଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ଏହି କ୍ଲିନିକ ପରିଚାଳିତ ହେଉଛି ବୋଲି ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ବେହେରା ଅଲଟ୍ରା ସାଉଣ୍ଡ କେନ୍ଦ୍ର ନାମରେ ମଧ ସ୍ଥାନୀୟ ମହିଳା ଓ ଜନସାଧାରଣ ସମାନ ଅଭିଯୋଗ କରିଥିଲେ। ଲିଙ୍ଗ ନିରୂପଣ ହେଉଥିବା ନେଇ ସୂଚନା ପ୍ରଦାନକାରୀଙ୍କୁ ସରକାର ପୁରସ୍କାର ରାଶି ଦେବାକୁ ଘୋଷଣା କରିଛନ୍ତି। ଆର୍ଥିକ ରାଶି ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଦିଆଯିବ। ହେଲେ ସମ୍ବଲପୁର ଜିଲାରେ ଏହି ନିୟମ ଧର୍ମକୁ ଆଖିଠାର ଭଳି ଲାଗୁଛି। ଅଭିଯୋଗ କଲାପରେ ମଧ ତଦନ୍ତରେ ବିଳମ୍ବ କରାଯାଉଛି।

## ଅଟୋ ସହ ଧକ୍କା: ବାଇକ ଆରୋହୀ ମୃତ

ପାଇକମାଳ (ଡି.ଏନ.ଏ.): ବରଗଡ ଜିଲା ପାଇକମାଳ-ନୂଆପଡା ରାସ୍ତାର ଲଉଡମାଲଠାରେ ସୋମବାର ସନ୍ଧ୍ୟାରେ ବାଇକ ଓ ଅଟୋ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଇକମାଳ ଥାନା ବୁଟୁରାଖମାର ଗ୍ରାମର ବିକାଶ କଲାରି(୨୦)। ଏହି ଦୁର୍ଘଟଣାରେ କୁଡୁରାମାଲ ଗ୍ରାମର ମହାଦେବ ଟାଟି (୨୨) ଗୁରୁତର ହୋଇ ନୂଆପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ସଂକ୍ଷେପରେ

### ତେଲ ନଦୀରେ ବୁଡ଼ି ଛାତ୍ର ମୃତ

କନ୍ଧମାଳ,୧୪।୧୧(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗହଣା ଗାଁର ଜଣେ ଛାତ୍ର ସୋମବାର ସକାଳେ ଗାଧୋଇବାକୁ ଯାଇ ତେଲ ନଦୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ଗାଁର ବାବୁଲୁ ବଗର୍ତ୍ତୀ (୧୮) ସୋନପୁର ମଡେଲ ଡିଗ୍ରୀ ମହାବିଦ୍ୟାଳୟରେ ତୃତୀୟ ବର୍ଷର ଛାତ୍ର। ସେ ଗାଁ ନିକଟ ତେଲ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସେ ନଦୀର ସ୍ରୋତରେ ଭାସି ଯାଇଥିଲେ। ପାଖରେ ଥିବା ଅନ୍ୟ ଲୋକମାନେ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସୋନପୁର ମେଡିକାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବାଉଁଶୁଣୀ,୧୪।୧୧ (ଡି.ଏନ୍.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଶିଶୁ ଦିବସ ଅବସରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ଓ ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହ୍ଲାଦ ଭୋଇ ଯୋଗଦେଇଥିଲେ। ଏମାନଙ୍କ ସହିତ ଅଙ୍ଗନୱାଡ଼ି କର୍ମୀ, ୱାର୍ଡ଼ମେମ୍ବର, ମିଶନ ଶକ୍ତି ସିଆରପିମାନେ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ଥିବା ଅସୁବିଧାଗୁଡିକ ସରପଞ୍ଚଙ୍କୁ ଅବଗତ କରିଥିଲେ ଅଙ୍ଗନୱାଡ଼ି କର୍ମୀ। ସରପଞ୍ଚ ଅଙ୍ଗନୱାଡ଼ି କର୍ମୀଙ୍କୁ ଖୁବଶୀଘ୍ର ଅସୁବିଧା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷାକ ବଣ୍ଟନ

ବାଉଁଶୁଣୀ, ୧୪।୧୧(ଡି.ଏନ୍.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ସେକ୍ଟରର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ଶିଶୁ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ସେକ୍ଟର ଜମଘାଟି-୧ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ଅତିଥି ଭାବରେ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ପ୍ରତିମା ଷଡ଼ଙ୍ଗୀ, ସାହାଯ୍ୟକାରିଣୀ କମଳିନୀ ପଣ୍ଡା, ଆଶାକର୍ମୀ ସବିତା ନାଏକ, ଉର୍ମିଳା ଭୋଇ, ଏଏନ୍ଏମ୍ ଅଞ୍ଜନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଉଁଶୁଣୀ ସେକ୍ଟରର ଅନ୍ୟ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ମଧ ଶିଶୁ ଦିବସ ପାଳିତ ହେବା ସହ ପୋଷାକ ବଣ୍ଟନ କରାଯାଇଛି।

### କାର୍ଯ୍ୟକର୍ତ୍ତାଙ୍କୁ ଭାଜପା ପ୍ରଭାରୀଙ୍କ ଦିଗ୍‌ଦର୍ଶନ

ବରଗଡ଼ ଅଫିସ୍/ପଦ୍ମପୁର, ୧୪।୧୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ଜିତାଇବା ପାଇଁ ଭାଜପା ପୂରାଦମ୍‌ରେ ଲାଗି ପଡ଼ିଛି। ସୋମବାର ଦଳର ଓଡ଼ିଶା ପ୍ରମୁଖ ପ୍ରଭାରୀ ସୁନୀଲ ବଂଶଲ, ପ୍ରଭାରୀ ତଥା କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଡି. ପୁରନ୍ଦେଶ୍ୱରୀ ପଦ୍ମପୁର ଗସ୍ତରେ ଆସିଥିଲେ। ପୁରୋହିତ କଲ୍ୟାଣ ମଣ୍ଡପରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ବଂଶଲ ଏବଂ ପୁରନ୍ଦେଶ୍ୱରୀ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନ ରଣନୀତି ନେଇ ବିଭିନ୍ନ ଦିଗ୍‌ଦର୍ଶନ ଦେଇଥିଲେ। ଦଳୀୟ ପ୍ରାର୍ଥୀ ପୁରୋହିତଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

# ବିଧାନସଭା ସମ୍ମୁଖରେ ଧାରଣା ଦେବେ ଶିକ୍ଷକ, କର୍ମଚାରୀ

### ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ, କର୍ମଚାରୀ ସଂଘର ଚେତାବନୀ

ସୋନପୁର,୧୪।୧୧ (ନି.ପ୍ର.)


ବୈଠକରେ ଉପସ୍ଥିତ ଶିକ୍ଷକ ବୃନ୍ଦ।

ସୁବର୍ଣ୍ଣପୁର ଜିଲା ବ୍ଲକ ଗ୍ରାଣ୍ଟପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନଙ୍କର ଏକ ବୈଠକ ଜିଲା ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ସମଲେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଗତ ଜାନୁୟାରୀ ୧୧ରେ ସପ୍ତମ ବେତନ ଦେବା ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚାକିରୀ ସର୍ତ୍ତାବଳୀ, ସପ୍ତମ ବେତନ ପ୍ରଦାନ ଓ ଅବସରକାଳୀନ ସୁବିଧା ପ୍ରଦାନ ନିମନ୍ତେ ଦାବି ହୋଇଥିଲା। ଏହି ବର୍ଗର ଶିକ୍ଷକମାନଙ୍କୁ ସରକାର ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ତେଣୁ ଦାବି ପୂରଣ ପାଇଁ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ଆସନ୍ତା ବିଧାନସଭା ସମୟରେ ବିଧାନସଭା ସମ୍ମୁଖରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଧାରଣା ଦେବେ। ସେହିପରି ଆଗାମୀ ଦିନରେ ଜିଲାରେ ସଂଗଠନକୁ ସୁଦୃଢ କରିବା ସହିତ ବିଭିନ୍ନ ସମସ୍ୟା ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ଜିଲାର ୪୨ଟି ବିଦ୍ୟାଳୟର ପ୍ରତିନିଧି ଯୋଗଦାନ କରିଥିଲେ। ପ୍ରାରମ୍ଭରେ ମୃତ୍ୟୁବରଣ କରିଥିବା ସଂଘ ଶିକ୍ଷକ ଓ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରା ଯାଇଥିଲା। ସଂଘର ଜିଲା ସମ୍ପାଦକ ମାନସ କୁମାର ପୂଜାହାରୀ, ଉପସଭାପତି ସଦାନନ୍ଦ ସାହୁ, ଯଶୋବନ୍ତ ବାରିକ, ଯବଦୁ ମହାନନ୍ଦ, ପ୍ରକାଶ ଚନ୍ଦ୍ର ବିଶି, ବନରାମ ପୁରୋହିତ, ସୁନିଲ କୁମାର ସାହୁ, ପରମେଶ୍ୱର ପଣ୍ଡା, ନିଗମାନନ୍ଦ ଦେହୁରୀ, ହରିଶ୍ଚନ୍ଦ୍ର ମାଝି ଓ ସୁବ୍ରତ କର୍ମୀ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

# ବଢ଼ିଚାଲିଛି ବେଆଇନ ବାଲି ଚୋରାଚାଲାଣ

ବାଉଁଶୁଣୀ, ୧୪।୧୧(ଡି.ଏନ.ଏ.)

ବୌଦ୍ଧ ତହସିଲ ଗୁନ୍ଦୁଲିଆ ରାଜସ୍ୱ ସର୍କଲର କରଡପଡା ଘାଟରୁ ବାଲି ଚୋରା ଚାଲାଣ ବଢୁଛି। ଦିନ ଦ୍ୱିପ୍ରହରରେ ବିନା ରୟାଲଟିରେ ଖୁଲମଖୋଲା ବାଲି ଚୋରାଚାଲାଣ କରୁଛନ୍ତି ବାଲିବ୍ୟବସାୟୀ। କିଛି ଦିନ ପୂର୍ବରୁ ବୌଦ୍ଧ ତହସିଲଦାର ଦେବୀପ୍ରସାଦ ଦାଶଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ, କରଡପଡ଼ା, ଅର୍ମୂଡ଼ା, ଡମ୍ବରୁଗଡ ଘାଟରୁ ବାଲି ଚୋରାଚାଲାଣ ହେଉଥିବା ଟ୍ରାକ୍ଟରଗୁଡ଼ିକୁ ଧରପଗଡ ହୋଇ ଫାଇନ ଆଦାୟ ହୋଇଥିଲା। ହେଲେ ଆଜକୁ ଅନେକ ଦିନ ହେବା ଫାଇନ ଆଦାୟ ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ଗୁନ୍ଦୁଲିଆ ରାଜସ୍ୱ ନିରୀକ୍ଷକ ହମିଦ ମଲ୍ଲିକଙ୍କୁ ପଚାରିବାରୁ କିଛି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏହା ସହିତ ବାଉଁଶୁଣୀ ମହାନଦୀ ଘାଟ, ବାଘନଦୀ ଘାଟ, ଦହ୍ୟା ଅର୍ମୂଡ଼ା ଘାଟରୁ ପ୍ରତ୍ୟେକ ଦିନ ୧୦୦ରୁ ଅଧିକ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। କିନ୍ତୁ ଜରିମାନା ଆଦାୟ ହେଉନି। ବାଉଁଶୁଣୀ ରାଜସ୍ୱ ନୀରିକ୍ଷକ ସୁଜିତ କୁମାର ସାହୁଙ୍କୁ ପଚାରିବାରୁ ତହସିଲଦାର ଆମକୁ କହିଲା ପରେ ଆମେ ଚଢ଼ାଉ କରିବୁ ବୋଲି କହିଥିଲେ। ଏଭଳି ଉତ୍ତର ମଧ୍ୟରେ କିଛି ନା କିଛି ରହସ୍ୟ ରହିଥିବା ଅନୁମାନ କରାଯାଉଛି। ବାଉଁଶୁଣୀ ରାଜସ୍ୱ ସର୍କଲରେ ଚାରି ଗୋଟି ନଦୀ ଘାଟ ରହିଛି। ଏହା ଉପରେ ବୌଦ୍ଧ ଜିଲାପାଳ ଦୃଷ୍ଟି ଦେଇ ବେଆଇନ ବାଲି ଚୋରାଚାଲାଣ ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିବାକୁ ସାଧାରଣରେ ଦାବି ହେଉଛି।

# ୩୯ ଅଭିଯୋଗର ତତ୍କାଳ ସମାଧାନ


ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି ।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଅମରପାଲି,୧୪।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ୫୬ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୪୨, ସାମୂହିକ ୧୪ଟି ଅଭିଯୋଗ ଥିଲା। ୩୯ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୭ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପିତାମହୁଲ ଗ୍ରାମର ଭିନ୍ନକ୍ଷମ ଦଶରଥ ମହାକୁଡ଼ଙ୍କୁ ଜିଲାପାଳ ନରୱଣେ ଟ୍ରିନିଚକିଆ ସାଇକେଲ ପ୍ରଦାନ କରିଥିଲେ। ସେହିପରି ରଥପୁର ନିବାସୀ ସ୍ୱର୍ଗତ ଜଗଦୀଶ ଗାଏଗରିଆଙ୍କ ପତ୍ନୀ ଗୀତାଞ୍ଜଳି ଗାଏଗରିଆଙ୍କୁ ବିଧବା ଭତ୍ତା ସହାୟତାରେ ସାମିଲ କରାଯାଇ ମାସିକ ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର ବିବୁଧ ଗଣନାୟକ, ବ୍ଲକ ସ୍ତରୀୟ କର୍ମଚାରୀ ଯୋଗଦାନ କରିଥିଲେ।

# କୋରିଅର କମ୍ପାନୀ ଖାଉଟିଙ୍କୁ ଦେବ ୬୫ ହଜାର ଟଙ୍କା

### ସୁବର୍ଣ୍ଣପୁର ଜିଲା ଖାଉଟି ବିବାଦ ସମାଧାନ ମଞ୍ଚର ଗୁରୁତ୍ୱପୂର୍ଣ୍ଣ ରାୟ

ସୋନପୁର,୧୪।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଖାଉଟି ବିବାଦ ସମାଧାନ ମଞ୍ଚ ଏକ ମାମଲାର ବିଚାର କରି ଡିଟିଡିସି କୋରିଅର କମ୍ପାନୀ ବିରୋଧରେ ଓ ଖାଉଟିଙ୍କ ସପକ୍ଷରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସୋନପୁର ସହର ମାଲିପଡାର ଖାଉଟି ମାଧବ ମହଲାଙ୍କୁ ଡିଟିଡିସି କମ୍ପାନୀ ହଜି ଯାଇଥିବା ମୋବାଇଲର ମୂଲ୍ୟ ସହିତ କ୍ଷତିପୂରଣ ବାବଦକୁ ମୋଟ ୬୫ହଜାର ଟଙ୍କା ପ୍ରଦାନ କରିବ। ଦୁଇମାସ ଭିତରେ ଖାଉଟିଙ୍କୁ ଉକ୍ତ ଅର୍ଥ ପ୍ରଦାନ ନ କଲେ କମ୍ପାନୀ ୧୦ପ୍ରତିଶତ ସୁଧ ସହିତ ଅର୍ଥ ପ୍ରଦାନ କରିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାଧବ ଏକ ପାର୍ସଲରେ(ଆଇ ଫୋନ ମୋବାଇଲ) ଯାହାର ମୂଲ୍ୟ ୪୩ ହଜାର ଟଙ୍କା ଡିଟିଡିସି କୋରିଅର ଜରିଆରେ ନୂଆଦିଲ୍ଲୀ ସ୍ଥିତ ବନ୍ଧୁଙ୍କ ନିକଟକୁ ପଠାଇଥିଲେ। ପାର୍ସଲ ପଠାଇବା ସମୟରେ ମାଧବ ଉପଯୁକ୍ତ ମୂଲ୍ୟ ଦେବା ସହିତ ସଠିକ୍ ଠିକଣା ଉଲ୍ଲେଖ କରିଥିଲେ। ତେବେ ଉକ୍ତ ପାର୍ସଲ ପଠାଯାଇଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ନ ଥିଲା କିମ୍ବା ପାର୍ସଲ ପଠାଇଥିବା ମାଧବଙ୍କ ନିକଟକୁ ଫେରସ୍ତ ହୋଇ ନ ଥିଲା। କୋରିଅର କମ୍ପାନୀ ଅବହେଳାରୁ ପାର୍ସଲଟି ବାଟମାରଣା ହୋଇ ଯାଇଥିଲା। ନିରାଶ ହୋଇ ମାଧବ କୋରିଅର ସେବା କମ୍ପାନୀ ବିରୋଧରେ ସୁବର୍ଣ୍ଣପୁର ଜିଲା ଖାଉଟି ବିବାଦ ସମାଧାନ ମଞ୍ଚରେ ଖାଉଟି ଆଇନରେ ଅଭିଯୋଗ କରିଥିଲେ। ଖାଉଟି ବିବାଦ ମଞ୍ଚ ସଭାପତି ଉପାନନ୍ଦ ପୁରୋହିତ ଓ ସଭ୍ୟ ହଳଧର ପଧାନ ଦ୍ୱରିତ ବିଚାର କରି ଡିଟିଡିସି କୋରିଅର କମ୍ପାନୀ ସେବା ଯୋଗାଇବାରେ ଅବହେଳା କରି ଥିବାରୁ ଖାଉଟିଙ୍କ ସପକ୍ଷରେ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ହେମନ୍ତ କୁମାର ସା ମାମଲା ପରିଚାଳନା କରୁଥିଲେ ।

### ୨୧ରୁ ଖୋଲିବ ଧାନମଣ୍ଡି

ବରଗଡ଼ ଅଫିସ୍,୧୪।୧୧

ବରଗଡ଼ ଜିଲାରେ ଆସନ୍ତା ୨୧ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ସହିତ ମଣ୍ଡି ଖୋଲିବ। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ପତ୍ରସଂଖ୍ୟା-୧୭୨୧୮ ତା-୧୪।୧୧।୨୦୨୨ରିଖରେ ଏହା ଉଲ୍ଲେଖ ରହିଛି। ପ୍ରକାଶଥାଉକି, ପୂର୍ବରୁ ଆସନ୍ତା ୨୫ତାରିଖରେ ଜିଲାର ଅତାବିରା ଓ ଭେଡ଼େନ ବ୍ଲକରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ଏବଂ ପର୍ଯ୍ୟାୟକ୍ରମେ ଅନ୍ୟ ବ୍ଲକ ଗୁଡ଼ିକରେ ଧାନ ମଣ୍ଡି ଖୋଲିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇ ତାରିଖ ନିର୍ଦ୍ଧାରଣ କରିଥିଲା। କିନ୍ତୁ ଡିସେମ୍ବର ୧୫ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀ ସଙ୍ଗଠନ ଗୁଡ଼ିକ ଦାବି କରିଥିଲେ।

# ଚାଷୀ ଆନ୍ଦୋଳନ, ଜିଲା ଗଠନକୁ ଧର୍ମେନ୍ଦ୍ରଙ୍କ ସମର୍ଥନ

ବରଗଡ଼ ଅଫିସ୍/ପଦ୍ମପୁର, ୧୪।୧୧(ଡି.ଏନ.ଏ.)


କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଆମ ଦଳ ଚାଷୀ ଆନ୍ଦୋଳନ ଏବଂ ପଦ୍ମପୁର ଜିଲା ଗଠନ ଦାବିକୁ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ସୋମବାର ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପ୍ରଚାର ପାଇଁ ଆସି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆନ୍ଦୋଳନରତ କୃଷକ ସଙ୍ଗଠନ ଏବଂ ପ୍ରସ୍ତାବିତ ପଦ୍ମପୁର ଜିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିକୁ ଭେଟିବା ପରେ ଏକ ପ୍ରେସ ବିବୃତିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି । ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେଇ ସେ କହିଥିଲେ, ଭାଜପା ଏବଂ ଦଳୀୟ ପ୍ରାର୍ଥୀ ପୁରୋହିତ ଚାଷୀଙ୍କ ସହିତ ଅଛନ୍ତି। ଚାଷୀଙ୍କ ଉପରେ ଭାଜପାର ମଧ୍ୟ ଭରସା ରହିଛି। ସେମାନଙ୍କ ସବୁ ସମସ୍ୟା ଉପରେ ଦଳ ଅବଗତ ରହିଛି । ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ଲକରୁ ପଞ୍ଚାୟତ ଇନସ୍ୟୁରାନ୍ସ ୟୁନିଟ୍ କରିବାର ଐତିହାସିକ ନିଷ୍ପତ୍ତି ବରଗଡ଼ ମାଟିରୁ ନେଇଥିଲେ। କୃଷକଙ୍କ ପାଇଁ ବରଗଡ଼ ଜିଲାରେ ଇଥାନଲ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଅନ୍ୟପଟେ ୨୨ବର୍ଷରୁ ଅଧିକ ଶାସନରେ ରହିବା ପରେ ମଧ୍ୟ ପଦ୍ମପୁରରେ ପାଣି, ଜଳସେଚନ, ବୀମା, ଧାନକିଣା, ଦାଦନ ସମସ୍ୟାର ସମାଧାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ଏଥିପାଇଁ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ କେନ୍ଦ୍ର ମନ୍ତ୍ରୀ ଦାୟୀ କରିଛନ୍ତି। ବୀମା ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କ୍ରିୟାନ୍ୱୟନ ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ ରହିଛି। ରାଜ୍ୟ ସରକାର ଏଥିପାଇଁ ଏଜେନ୍ସି ନିଯୁକ୍ତି କରନ୍ତି । ନ୍ୟାଶନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଇନସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜେନେରାଲ ଇନସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ, ଏଗ୍ରିକଲଚର ଇନସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍ ଭଳି ୬ଟି ଇନସ୍ୟୁରାନ୍ସ କମ୍ପାନୀ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ କାହିଁକି ଏଚ୍‌ଡିଏଫ୍‌ସି ଭଳି ପ୍ରାଇଭେଟ୍ କମ୍ପାନୀକୁ ନେଲେ ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି। ବୀମା କମ୍ପାନୀ ଏବଂ ଚାଷମାନଙ୍କ ମଧ୍ୟରେ ବିବାଦକୁ ନେଇ ରାଜ୍ୟ ସରକାର ଠିକ୍ ଭାବେ ଉପସ୍ଥାପିତ କରିବାରେ ଅହେତୁକ ବିଳମ୍ବ କଲେ। ଏଥିପାଇଁ ଚାଷୀଙ୍କ ବୀମା ସମସ୍ୟା ଉପୁଜିଛି ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କର ଏହି ଗସ୍ତରେ ଘେଁସର ଶହୀଦ ମାଧୋ ସିଂଙ୍କ ଦାୟାଦଙ୍କ ଘରକୁ ଯିବା ସହିତ ପଦ୍ମପୁରର ମାଁ ବନଦୁର୍ଗା ମନ୍ଦିର ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

### ଆମ ପୋଲିସ ସମିତି ବୈଠକ

ଡୁଙ୍ଗୁରିପାଲି, ୧୪।୧୧(ଡି.ଏନ. ଏ.)

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଆମ ପୋଲିସ ସମିତିର ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଭାନୁ ଶଙ୍କର ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସବଇନ୍ସପେକ୍ଟର ଅଭିନାଶ ପଧାନ, ଏଏସଆଇ ସୁରଞ୍ଜି ସେଠୀ, ଏଏସଆଇ ଜେଡି ମୋହନ ପଧାନ ଉପସ୍ଥିତ ଥିଲେ। ରାମପୁରରେ ଟ୍ରାଫିକ ସମସ୍ୟା ଦୂର କରିବା, ପାଟ୍ରୋଲିଂକୁ କଡାକଡି କରିବା, ରାସ୍ତା ଉପରେ ପାର୍କିଂ ସମସ୍ୟା, ରାମପୁର ଟାଉନର ବିଭିନ୍ନ ରାସ୍ତାରେ ଆଲୋକୀକରଣ, ଥାନାକୁ ଆସୁଥିବା ବିଭିନ୍ନ ଅଭିଯୋଗର ଆପୋଷ ସମାଧାନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଦୁର୍ଘଟଣାରେ ମୃତ ଓ ଗୁରୁତରଙ୍କ ଚିକିତ୍ସା ପାଇଁ ଜିଲା ପରିବହନ ବିଭାଗ ପକ୍ଷରୁ ଦିଆଯାଉଥିବା ସହାୟତା ସାଙ୍ଗକୁ ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥିବା ବ୍ୟକ୍ତିଙ୍କୁ ଦିଆଯାଉଥିବା ୨ହଜାର ଟଙ୍କା ପୁରସ୍କାର ସମ୍ପର୍କରେ ଥାନା ଅଧିକାରୀ ଯାଦବ ପ୍ରକାଶ କହିଥିଲେ। ବୈଠକରେ ଘଡିଗୋପାଳ ମିଶ୍ର, କାର୍ତ୍ତିକ ଭୋଇ, ପଞ୍ଚମ ମାଝି, ଅବଧୁତ ପାଢ଼ୀ, ଈଶ୍ୱର ବେହେରା, ସୁରେନ୍ଦ୍ର ବେହେରା, ପବିତ୍ର ମାଝି, ପ୍ରଦୀପ ପଧାନ, ରାମନାରାୟଣ ସରାଫ, ସମ୍ପଦ ଘିବିଲା, ଜଳଧର ପଧାନ, ନରସିଂହ ମେହେର ଉପସ୍ଥିତ ଥିଲେ।

# ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

ବୌଦ୍ଧ, ୧୪।୧୧(ସ୍ୱ.ପ୍ର)


ବନକର୍ମଚାରୀ ଓ ବନ୍ଧୁକ ସହ ଅଭିଯୁକ୍ତ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ, ମାଧପୁର, କୁଶଙ୍ଗ ଆଦି ରେଞ୍ଜରେ ଦିନକୁ ଦିନ ବ୍ୟାପକ ପଶୁ ଶିକାର ହେଉଥିବା ବେଳେ କିନ୍ତୁ ବନବିଭାଗ ଏହାର ଟେର ପାଇପାରୁନାହିଁ। ସୋମବାର ପୁରୁଣାକଟକ ରେଞ୍ଜର ବନକର୍ମଚାରୀ ବନ୍ଧୁକ ସହ ଜଣେ ଶିକାରିଙ୍କୁ ଗିରଫ କରିଥିବା ଜଣାପଡିଛି। ଛତରଙ୍ଗ ପଞ୍ଚାୟତର ଖରଭୂଇଁ ଗ୍ରାମର ବିରଞ୍ଚି ପ୍ରଧାନ (୫୦) ନିକଟସ୍ଥ ମୁଣ୍ଡେଶ୍ୱର ଜଙ୍ଗଲକୁ ଶିକାର କରିବାକୁ ଏକ ଦେଶୀ ବନ୍ଧୁକ ଧରି ଯାଇଥିଲେ। ଏହି ସମୟରେ ପୁରୁଣାକଟକ ବନ କର୍ମଚାରୀ ପାଟ୍ରୋଲିଂ କରୁଥିବା ଦେଖି ବିରଞ୍ଚି ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ବନବିଭାଗ କର୍ମଚାରୀଙ୍କ ହାତରେ ଧରାପଡିଯାଇଥିଲେ। ବିରଞ୍ଚିଙ୍କ ପାଖରୁ ଦେଶୀ ବନ୍ଧୁକ କିଛି ଗୁଳି ଜବତ କରାଯାଇଛି। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି। ଚଢାଉରେ ପୁରୁଣାକଟକ ରେଞ୍ଜର ନିହାର ରଞ୍ଜନ କଅଁର , ଫରେଷ୍ଟର ଗୋବର୍ଦ୍ଧନ ମେହେର, ମହେଶ ମାଝି , ବିଣାପାଣି ଖଟୁଆ ପ୍ରମୁଖ ସାମିଲ ଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର କଅଁର ସୁଚନା ଦେଇଛନ୍ତି।

# ବଙ୍କିଆ ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଚୋରି

ଅମରପାଲି,୧୪।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଙ୍କିଆ ପ୍ରାଥମିକ ବିଦ୍ୟାଳୟ ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ଥିବା ପ୍ରାୟ ୩ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ସ୍କୁଲ ବନ୍ଦ ଥିବା ବେଳେ ଚୋରମାନେ ସ୍କୁଲ ପାଚେରି ଡେଇଁ କୋଠରି ତାଲା ଭାଙ୍ଗି ଚାଉଳ ଚୋରି କରିନେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି, ପ୍ରଧାନଶିକ୍ଷକ ବିଇଓଙ୍କ ଦୃଷ୍ଟି ଆକର୍ଷଣ ସହ ସୁବଳୟା ଥାନାରେ ଅଭିଯୋଗ କରିଛନ୍ତି ।

# ନେହେରୁ ଥିଲେ ଆଧୁନିକ ଭାରତ ନିର୍ମାତା

### ବିଭିନ୍ନ ସ୍କୁଲରେ ଶିଶୁ ଦିବସ ପାଳିତ

ପଦ୍ମପୁର,୧୪।୧୧(ଡି.ଏନ.ଏ.)

ବରଗଡ଼ ଜିଲା ଜମରତଲା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ସୋମବାର ଶିଶୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେଶ କୁମାର ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ମହାନ୍ତି ମୁଖ୍ୟ ଅତିଥି ଓ କାର୍ତ୍ତିକ ଦାଶ ମୁଖ୍ୟବକ୍ତା ଏବଂ ଲୋକନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେହେରୁଙ୍କ ଜୀବନୀ ଓ ଆଧୁନିକ ଭାରତ ନିର୍ମାଣରେ ତାଙ୍କ ଭୂମିକା ସମ୍ପର୍କରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରୂପଧର ନାୟକ ସଂଯୋଜନା କରିଥିବା ବେଳେ ଶିକ୍ଷକ ଭୀଷ୍ମଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପଦ୍ମପୁର କୁସୁନାପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଥିଲା। ପୃଥିରାଜ ସାହୁ ମୁଖ୍ୟ ଅତିଥି, ପୂର୍ବତନ ଗୁରୁଜୀ ଶିବ ପ୍ରସାଦ ହାତୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିଶୁ ଦିବସର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଚୈତନ୍ୟ ଭୋଇ ଅତିଥି ପରିଚୟ ପ୍ରଦାନ, ସୁଷମା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଏବଂ କଲ୍ୟାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ବାଟିକା ବିଭାଗର ଶିଶୁମାନଙ୍କୁ ନେଇ ଶିଶୁ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାତଃ ପର୍ଯ୍ୟାୟ ପ୍ରମୁଖା ସୁଜାତା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୧୫୦ଜଣ ଶିଶୁ ଯୋଗଦାନ କରିଥିଲେ।

ଜାମଟିକ୍ରା (ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ, ସନ୍ତୁଳନ ପେଣ୍ଡୁ ଫିଙ୍ଗା, ଝୋଟି ଅଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ବିଶି, ଶିକ୍ଷକ ରବୀନ୍ଦ୍ର ନାଥ ବାବୁ, ଶିକ୍ଷୟିତ୍ରୀ ବବଲିରାଣୀ ଗଡତିଆ, ମଥୁରା ପଧାନ, ରଞ୍ଜିତା କ୍ଷେତୀ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରହ୍ଲାଦ ଭୁଏ ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ନନ୍ଦିଘୋଷ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାଙ୍କ ନାଚଗୀତରେ ଦୁଲୁକିଲା ମଞ୍ଚ



ପତାଙ୍ଗୀ ଉତ୍ସବରେ ମଞ୍ଚାସୀନ ଅତିଥି।

### ଶିଶୁ ଉତ୍ସବ ପତାଙ୍ଗୀ ଉଦ୍‌ଘାଟିତ

ବୌଦ୍ଧ,୧୪।୧୧(ସ୍ୱ.ପ୍ର)

ବେସରକାରୀ ଅନୁଷ୍ଠାନ ୱାଇସିଡିଏ, ଜିଲା ଶିଶୁ ସୁରକ୍ଷା, ସମଗ୍ର ଶିକ୍ଷା ଅଭିଯାନ ଓ ଚାଇଲଡ ଲାଇନର ମିଳିତ ସହଯୋଗରେ ଶିଶୁ ଉତ୍ସବ ପତାଙ୍ଗୀ କଚେରୀ ପଡିଆଠାରେ ଶିଶୁ ଦିବସରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ୱାଇସିଡିଏର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜିଲାପାଳ ସାହୁ ପିଲାମାନଙ୍କ ସ୍ୱପ୍ନ ଦେଖି ପରିବାର ଶକ୍ତି ଓ ସାମର୍ଥ ଉପରେ ଦେଶର ଭବିଷ୍ୟତ ନିର୍ଭରଶୀଳ। ଏହା ସହ ଶୈଶବ ହେଉଛି ସ୍ୱପ୍ନ, ସୃଜନଶୀଳତା ଓ ସମ୍ଭାବନାର ସମୟ। ପିଲାଙ୍କ ମଧ୍ୟରେ ସୃଜନ ଓ ସମ୍ଭାବନାର ନୂଆଦିଗ ତିଆରି କରିବା ଦିଗରେ ପତାଙ୍ଗୀ ଶିଶୁ ଉତ୍ସବ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଆରକ୍ଷୀ ଅଧୀକ୍ଷକ ମିନା ପତାଙ୍ଗୀ ଶିଶୁମାନଙ୍କର ଉଭୟ ଶାରୀରିକ ଓ ମାନସିକ ପ୍ରତିଭା ଚିହ୍ନଟ ଦିଗରେ ପ୍ରୟାସ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଦୁଇଜଣ ଶିଶୁ ପ୍ରତିଭାଙ୍କୁ ମଞ୍ଚ ଉପରେ ଅତିଥି ଆସନ ପ୍ରଦାନ କରାଯାଇଥିଲା । ଦିନର ବିଭିନ୍ନ ସମୟରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଓରିଗାମୀ, ସଙ୍ଗୀତ, ଚାମୁଚ ଦୌଡ, ସୃଜନାତ୍ମକ ରଚନା ଆଦି ପ୍ରତିଯୋଗିତା କରାଯାଇଥିଲା । ପିଲାଙ୍କ ନାଚ ଗୀତରେ ପୁରା ମଞ୍ଚ ଦୁଲୁକିଯାଇଥିଲା । ଏହି ଉତ୍ସବରେ ଜିଲାର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କ୍ଷୀରାଭିଷେକ କାର୍ଯ୍ୟକ୍ରମ, ବୀର ବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା ।
- – ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ ପ୍ରସଙ୍ଗରେ ବିଜେଡିର ବିକ୍ଷୋଭ, ଆର୍‌ଡିସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା ।
- – ଆଦିବାସୀ କ୍ଲବ ପକ୍ଷରୁ ବିର୍ସାମୁଣ୍ଡା ଜୟନ୍ତୀ, ସାକ୍ଷୀପଡ଼ା, ସନ୍ଧ୍ୟା ୬ଟା ।

**ସୁନ୍ଦରଗଡ଼**
- ବୀର ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହ। ସ୍ଥାନ–ମାଦ୍ରିକାଲୋ ଭବନ। ସମୟ–ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ପରିବର୍ତ୍ତନ ହେଲା ଧାନ ସଂଗ୍ରହ ଧାର୍ଯ୍ୟ ଦିନ

**ସମ୍ବଲପୁର,୧୪।୧୧(ବ୍ୟୁରୋ):** ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ଡିସେମ୍ବର ୨୫ ତାରିଖରେ ଆରମ୍ଭ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ହେଲେ ସୋମବାର ଏହାକୁ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୨୨ ତାରିଖଠାରୁ ଧାନ ସଂଗ୍ରହ କରାଯିବ ବୋଲି ପ୍ରଶାସନ ଘୋଷଣା କରିଛି। ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଧାନ ସଂଗ୍ରହ ବିଳମ୍ବ ନେଇ ଅସନ୍ତୋଷ ବ୍ୟକ୍ତ କରି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

### ସନ୍ଦେହରେ ଗାଡ଼ିକୁ ଅଟକ ରଖିଲା ପୋଲିସ

**ସମ୍ବଲପୁର,୧୪।୧୧(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ସନ୍ଦେହରେ ଏକ ବୋଲେରୋ ଗାଡ଼ିକୁ ଅଟକ ରଖିଛି। ନମ୍ବର ପ୍ଲେଟ, ଗାଡ଼ି ଚେଚିସ ନମ୍ବର ସହ ତାଳମେଳ ନ ଥିବା ଓ ଅନ୍ୟ ଏକ ଗାଡ଼ି ନମ୍ବର ଲଗାଯାଇଥିବା ସନ୍ଦେହରେ ପୋଲିସ ଏହାକୁ ଅଟକ ରଖିଛି। ପୋଲିସ ପାଟ୍ରୋଲିଂ ଟିମ ସନ୍ଧ୍ୟାରେ ଗାଡ଼ିକୁ ଅଇଁଠାପାଲି ଛକରୁ ଅଟକାଇ ଥାନାକୁ ନେଇଥିଲେ। ଏସମ୍ପର୍କରେ ଥାନାଧିକାରୀ ଯୋଗେସ ପଣ୍ଡା କହିଛନ୍ତି, ଗାଡ଼ି ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି।

### ଆଉଟସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ରେଢ଼ାଖୋଲ,୧୪।୧୧(ଡି.ଏନ.ଏ.):** ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ଓ ସ୍ଥାୟୀ ନିଯୁକ୍ତି ଦାବିରେ ସୋମବାର ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘ ରେଢାଖୋଲ ଶାଖା କର୍ମକର୍ତ୍ତା ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପରିଧାନ କରିଛନ୍ତି। ୧୯ ତାରିଖ ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଜାରି ରହିବ। କୌଣସି ପଦକ୍ଷେପ ନିଆ ନ ଗଲେ ଆସନ୍ତା ୨୬ ତାରିଖରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଆଉଟସୋର୍ସିଂ କର୍ମଚାରୀ ଅଭିଯୋଗ କରିଛନ୍ତି, ଅର୍ଥମନ୍ତ୍ରୀଙ୍କ ଗତ୨୨।୧୨।୨୦୧୭ର ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ବିଭିନ୍ନ ବିଭାଗରେ କାମ କରୁଥିବା କର୍ମଚାରୀଙ୍କ ଉପରୁ ଆଉଟସୋର୍ସିଂ ଭଳି ଘୃଣ୍ୟ ବ୍ୟବସ୍ଥା ଉଠାଗଲା ନାହିଁ। ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଇଥିଲେ ହେଁ ସରକାର ଦାବି ପ୍ରତି ଅଣଦେଖା କରିଛନ୍ତି। କମିଟି ନିଷ୍ପତ୍ତି ଅନୁଯାୟୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରାଯାଇଥିବା ସଭାପତି ପିଣ୍ଟୁ ବେହେରା ସୂଚନା ଦେଇଛନ୍ତି। ରେଢାଖୋଲ ଶାଖାର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀ ସନ୍ତୋଷ ବେହେରା, କିରଣ କୁମାର ପ୍ରଧାନ, ସୁଜାତା ମହାକୁଡ, ଅଞ୍ଜଳି ବେହେରା, ରୀନା ନାୟକ, ମଦନ ମୋହନ ନାଏକ, ବୁଲୁ ବେହେରା ପ୍ରମୁଖ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା, ୧୪।୧୧(ଡି.ଏନ.ଏ.):** କୁଚିଣ୍ଡା ବ୍ଲକର ବାଉରୀଗୋଡ଼ା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଏବିଡିଓ ସହଦେବ ନନ୍ଦ, ଏଇଇ ପ୍ରଜ୍ଞା ପରମିତା ନାୟକ, ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଗ, ସମିତି ସଭ୍ୟ ପରେଶ କୁମାର ପଟେଲ, ଅର୍ଡ଼ାବାହଲ ସରପଞ୍ଚ ସୁଲେଶ୍ୱରୀ ମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଶିବିରରେ ଗୋଛାରା, ବାଙ୍କେ, ଅର୍ଡାବାହଲ, ପାରୁଆଭାଡ଼ି, ବାଉରୀଗୋଡ଼ା ପଞ୍ଚାୟତରୁ ମୋଟ ୧୧୧ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୦୯ ବ୍ୟକ୍ତିଗତ ଓ ୨ଟି ସାମୂହିକ ରହିଥିଲା। ଇତିମଧ୍ୟରୁ ୪୪ ଅଭିଯୋଗର ଶିବିର ସ୍ଥାନରେ ସମାଧାନ କରାଯାଇଥିଲା।

# ମିଲ୍ ଭିତରୁ ଧରାପଡ଼ିଲା ଚୋରା ଧାନ

## ୩ ମିଲରୁ ୯ ଗାଡ଼ି ଜବତ

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ଆନ୍ଧ୍ରପ୍ରଦେଶକୁ ଚଢ଼ା ଦରରେ ଧାନ ବିକ୍ରି କରିଦେଇଥିବାରୁ ଜିଲାର ବିଭିନ୍ନ ମିଲ୍ ଗୋଦାମରେ ଧାନ ଖାଲି ରହିଛି। ତେଣେ ଚାଉଳ ଦେବାରେ ପ୍ରଶାସନ ପକ୍ଷରୁ ମାସେ ସମୟ ବୃଦ୍ଧି କରାଯାଇଛି। ମିଲର୍ସଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି। ଚୋରା ବ୍ୟବସାୟ ହେବା ନେଇ ନଭେମ୍ବର ୫ରେ ଧରିତ୍ରୀରେ ତଥ୍ୟମୂଳକ ଖବର ପ୍ରକାଶ ପାଇଥିଲା, ଯାହା ସତ୍ୟ ପ୍ରମାଣିତ ହୋଇଛି। ଜିଲାର ତିନୋଟି ମିଲରୁ ଚାଷୀମାନଙ୍କ ସହାୟତାରେ ଯୋଗାଣ ବିଭାଗ ବ୍ୟବସାୟୀଙ୍କ ଚୋରା ଧାନ ଜବତ କରିଛି।

ମଣ୍ଡି ଖୋଲିବା ପୂର୍ବରୁ ମିଲର୍ସମାନେ କମ୍ ଦାମ୍‌ରେ ଧାନ ସଂଗ୍ରହ କରୁଥିଲେ। ଏହି ଧାନ ମିଲିଂ କରି ବକେୟା ୨୮ପ୍ରତିଶତ ଚାଉଳ ସରକାରଙ୍କୁ ଦେବାକୁ ଯୋଜନା କରୁଥିଲେ। ଏହି ସମୟରେ ଧରାପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତିନୋଟି ମିଲ୍ ଯାଞ୍ଚ କରିଥିଲେ। ଦୁଇଟି ମିଲରୁ ଦୁଇଟି ଲେଖାଏ ଗାଡ଼ି ଓ ଗୋଟିଏ ମିଲରୁ ୫ଟି ଗାଡ଼ି ଜବତ କରିଥିଲେ। ଏହି ମିଲଗୁଡ଼ିକ ହେଲା ଚାଉଁରପୁର ନିକଟରେ ଥିବା ଚନ୍ଦ୍ରମା ରାଇସ ମିଲ୍, ସମଲେଶ୍ୱରୀ ଗ୍ରାମ ଉଦ୍ୟୋଗ, ଏମ୍‌ଏସ୍ ଫୁଡ୍ ମିଲ ରହିଛି। ଜବତ ଧାନ ନିକଟସ୍ଥ ନାରାୟଣୀ ମିଲ୍‌ରେ ଜିମା ଦିଆଯାଇଛି। ଏହାକୁ ନେଇ ଯୋଗାଣ ବିଭାଗ ସବିଶେଷ ତଥ୍ୟ ସଂଗ୍ରହ କରୁଛି। ଧାନ କେଉଁଠୁ ଆସିଲା, ବାହାର ଜିଲାରୁ ଆସିଥିବା ଆଦି ଘଟଣା ଉପରେ ତଦନ୍ତ କରୁଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ସୋମବାର ସକାଳେ ଗାଡ଼ିଗୁଡ଼ିକ ଚାଉଁରପୁର ରାସ୍ତା ଦେଇ ମିଲକୁ ଯାଉଥିଲା। ଏହି ସମୟରେ ସ୍ଥାନୀୟ ଚାଷୀ ଆଦିତ୍ୟ ପ୍ରସାଦ ନାୟକ, ସରୋଜ ମହାପାତ୍ରଙ୍କ ସମେତ ଅନ୍ୟ କେତେଜଣ ପହଞ୍ଚିଥିଲେ। ସେମାନେ ଗାଡ଼ି ଚାଳକମାନଙ୍କୁ ଧାନ ବିଷୟରେ ପଚାରିବାରୁ ଠିକ୍ କହିପାରି ନ ଥିଲେ। ଏହାକୁ ନେଇ ଚାଷୀମାନେ ଯୋଗାଣ ବିଭାଗ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଏକ ଟିମ୍ ପହଞ୍ଚିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀ ମହାପାତ୍ର ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଡିଏଲ୍‌ପିସି ବୈଠକରେ ଧାନ ସଂଗ୍ରହ ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ପ୍ରତିବର୍ଷ ନଭେମ୍ବର ପ୍ରଥମ ସପ୍ତାହରୁ ଧାନ ସଂଗ୍ରହ ଆରମ୍ଭ ହୋଇଥାଏ। ହେଲେ ମିଲର୍ସଙ୍କ ଅନୁରୋଧ ରକ୍ଷା କରି ସରକାର ଓ ପ୍ରଶାସନ ଚଳିତ ବର୍ଷ ଧାନ ସଂଗ୍ରହ କରିବାରେ ବିଳମ୍ବ କରୁଛନ୍ତି। ଏଥିପାଇଁ ଅଭାବୀ ବିକ୍ରି ଓ ଅମଳ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଆହୁରି ପ୍ରାୟ ୧୦ ଦିନ ମାର୍କେଟ ଖୋଲିବାକୁ ବାକି ରହିଛି। ଅଣଜଳସେଚିତ ଅଞ୍ଚଳରେ ଧାନ ଅମଳ ହୋଇସାରିଛି। ବନ୍ୟପ୍ରାଣୀ ଓ ପ୍ରାକୃତିକ ବିପର୍ଯ୍ୟୟରୁ ଚାଷୀମାନେ ଅମଳ ଫସଲକୁ ରକ୍ଷା କରିବା କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ପ୍ରଶାସନ ଆହୁରି ବିଳମ୍ବ କରୁଛି। ତେଣୁ ବ୍ୟବସାୟୀଙ୍କ କବଳରେ ଚାଷୀମାନେ ପଡୁଛନ୍ତି ଓ ଏଭଳି ଚୋରା ବ୍ୟବସାୟ ବୃଦ୍ଧି ପାଉଛି ବୋଲି କହିଥିଲେ।



ଚାଉଁରପୁର ଅଞ୍ଚଳରେ ଜବତ ହୋଇଥିବା ଧାନଗାଡ଼ି ।

## ସିଏଚ୍‌ସିରେ ଇନ୍‌ଚାର୍ଜ ନିଯୁକ୍ତି ଦାବି

**ଜମନକିରା,୧୪।୧୧(ଡି.ଏନ୍.ଏ.)**

ଜମନକିରା ବ୍ଲକ ଫାଶୀମାଲ ସିଏଚ୍‌ସି (ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର) ଉପରେ ବ୍ଲକର ବିଭିନ୍ନ ପଞ୍ଚାୟତ ଲୋକ ନିର୍ଭର କରନ୍ତି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ରଠାରୁ ଆରମ୍ଭକରି ଚିକିତ୍ସା ସେବା ପାଇଁ ଏଠାକୁ ଲୋକେ ଆସିଥାନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଇନ୍‌ଚାର୍ଜ ନ ଥିବାବେଳେ ଭୋଜପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶରତ କୁମାର ଦେହୁରିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଜଣେ ବ୍ୟକ୍ତି ଏକସାଙ୍ଗରେ ଦୁଇ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳାଇବା କଷ୍ଟକର ହୋଇପଡ଼ିଛି। ୭ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଫାଶୀମାଲ ଆଞ୍ଚଳିକ ସୁରକ୍ଷା ମଞ୍ଚ ଚେତାବନୀ ଦେଇଛି। ଏ ନେଇ ଦାୟିତ୍ୱରେ ଥିବା ଇନ୍‌ଚାର୍ଜଙ୍କୁ ଲିଖିତ ଅବଗତ କରାଯାଇଛି। ଦାବିପତ୍ର ଦେବା ସମୟରେ ସୁରକ୍ଷା ମଞ୍ଚ ସଭାପତି ସୁନୀଲ କୁମାର ମୁଦୁଲିଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୨୧ରୁ ଅଙ୍ଗନୱାଡ଼ି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରେଢ଼ାଖୋଲ,୧୪।୧୧ (ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ରେଢ଼ାଖୋଲ ଶାଖା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶାଖାର ସଭାନେତ୍ରୀ ବିଜୟଲକ୍ଷ୍ମୀ ନନ୍ଦ, ସମ୍ପାଦକ କିଶୋରୀ ପ୍ରଧାନଙ୍କ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀମାନେ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। ଏହାର ନକଲ ମହିଳା ଶିଶୁକଲ୍ୟାଣ ଓ ମିଶନ ଶକ୍ତି ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓଡ଼ିଶା ଏବଂ ଜିଲାପାଳ ସମ୍ବଲପୁରଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୨୧ ତାରିଖଠାରୁ ଅଙ୍ଗନୱାଡ଼ି କର୍ମୀ ସମୂହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସରକାର ଅନ୍ୟ ବିଭାଗର କର୍ମଚାରୀଙ୍କୁ ଦରମା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ହେଲେ ଅଙ୍ଗନୱାଡ଼ି କର୍ମୀମାନେ ସରକାରଙ୍କ ସମସ୍ତ ବିଭାଗର କାର୍ଯ୍ୟର ସଫଳ ରୂପାୟନ କରୁଥିବା ବେଳେ ସେମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରତିପୋଷଣ କରୁଛନ୍ତି। ଦୀର୍ଘଦିନ ଧରି ଅଙ୍ଗନୱାଡ଼ି କର୍ମଚାରୀ ଦରମା ବୃଦ୍ଧି ଓ ଅବସରକାଳୀନ ସହାୟତା ରାଶି ବୃଦ୍ଧି କରିବା ପାଇଁ ଦାବି କରିଆସୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଓଲଟା ସେମାନଙ୍କ କାର୍ଯ୍ୟଭାର ବୃଦ୍ଧି କରିଚାଲିଛନ୍ତି।


ଦାବିପତ୍ର ଦେବାକୁ ଆସିଥିବା ଅଙ୍ଗନୱାଡ଼ି କର୍ମଚାରୀ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

## ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଶିଶୁଦିବସ

**ରେଢ଼ାଖୋଲ,୧୪।୧୧(ଡି.ଏନ୍.ଏ.)**

ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସ୍ଥାନୀୟ ଶୁଣ୍ଠିମୁଣ୍ଡାସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଶିଶୁଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘ ସଭାପତିତ୍ୱ କରିଥିଲେ। ରେଢ଼ାଖୋଲ ଅତିରିକ୍ତ ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ସମିତି ଅଧ୍ୟକ୍ଷ ଦୀପ୍ତିପ୍ରକାଶ ବ୍ରହ୍ମା ମୁଖ୍ୟ ଅତିଥି, ସବ୍‌ଜଜ୍ ବେଦପ୍ରକାଶ, ଓକିଲ ସଂଘ ସମ୍ପାଦକ ଉମାକାନ୍ତ ମହାନନ୍ଦ, ଓକିଲ ତୁଷାରକାନ୍ତ କର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଦେଶର ଭବିଷ୍ୟତ ନାଗରିକ ଶିଶୁମାନେ ପାଠ ପଢ଼ି ଭଲ ମଣିଷ ହେବାକୁ ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହିତ ଶିଶୁ ସୁରକ୍ଷା ଓ ଏଥିପାଇଁ ଥିବା ଆଇନଗତ ସୁବିଧା ଉପରେ ସୂଚନା ଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସଭାମଞ୍ଚରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ପ୍ରିଶା ଲିଟିଲ ମିସ୍, ସୋହିଲ ଲିଟିଲ ମାଷ୍ଟର

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ସାଇ ଶିକ୍ଷା ପରିଷଦ ଆୟୋଜିତ ସାଂସ୍କୃତିକା କାର୍ଯ୍ୟକ୍ରମ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିସହ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର–୨୦୨୨ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପ୍ରିଶା ମିଶ୍ର ଲିଟିଲ ମିସ୍ ଓ ସୋହିଲ ଯାଦବ ଲିଟିଲ ମାଷ୍ଟର ଟାଇଟଲ ହାସଲ କରିଛନ୍ତି। ସେହିପରି ଲିଟିଲ ମିସ୍ ବର୍ଗରେ ଆହାନା ପୁରୋହିତ ପ୍ରଥମ ରନର୍ସ ଅପ୍ ଓ ଅମୃତାୟ ସାହୁ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଲିଟିଲ ମାଷ୍ଟର ବର୍ଗରେ ରେବେଲ ପ୍ରତାପ ସିଂ ପ୍ରଥମ ରନର୍ସ ଅପ୍ ଓ ଦକ୍ଷ ଓମତ ଦ୍ୱିତୀୟ ରନର୍ସ ଅପ୍ ଟାଇଟଲ ହାତେଇଛନ୍ତି। ସଂଗୀତ, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସ୍ୱର୍ଗତ ଅରୁଣ ପ୍ରସନ୍ନ ସେଠଙ୍କ ପରିବାରକୁ ମରଣୋତ୍ତର ସାଂସ୍କୃତିକା ସମ୍ମାନ, ଗୁରୁ ରଞ୍ଜନ କୁମାର ସାହୁଙ୍କୁ ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନ ସ୍ମାରକୀ ସମ୍ମାନ ଓ ଅନ୍ୱେଷା ଅଦିତି ମହାପାତ୍ରଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସାଂସ୍କୃତିକା ଅଧ୍ୟକ୍ଷ ଭକ୍ତପ୍ରସାଦ ନନ୍ଦଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି, ଡା. ଶଙ୍କର ରାମଚନ୍ଦାନୀ, ନୃତ୍ୟଶିଳ୍ପୀ ପ୍ରତୀକ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।


ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର ବିଜେତା, ଉପବିଜେତାମାନେ ଟ୍ରଫି ସହ ।

# ବୁର୍ଲା ଡିଏଭି ବିଦ୍ୟାଳୟରେ ଶିଶୁ ଦିବସ

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ବୁର୍ଲା ଡିଏଭି ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାର୍ଥୀମାନେ ଉତ୍ତମ ଚରିତ୍ର ସମ୍ପନ୍ନ ନାଗରିକ ହେବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଶୀ, ଭାରତନାଟ୍ୟମ ଓ ଶାସ୍ତ୍ରୀୟ ନୃତ୍ୟ ସହ କୌତୁକିଆ ପୋଷାକ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିଶୁ ସା ଓ ଇତିଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

## ନିଲମ୍ବିତ ଏସ୍‌ଏମ୍‌ସି କର୍ମଚାରୀଙ୍କ ଆତ୍ମହତ୍ୟା

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ର ନିଲମ୍ବିତ କର୍ମଚାରୀ ହୀରାକୁଦ ଥାନା ମାଳିପଡ଼ା ନିବାସୀ ସୁକାନ୍ତ ସାହୁ ଆତ୍ମହତ୍ୟା କରିଛନ୍ତି। ସୋମବାର ହୀରାକୁଦ ଥାନା ପୋଲିସ ତାଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାକ୍ରମେ, ସୁକାନ୍ତ ଏସ୍‌ଏମ୍‌ସିରେ କାର୍ଯ୍ୟରତ ଥିଲେ। ପ୍ରାୟ ୧୫ଦିନ ହେବ ଏସ୍‌ଏମ୍‌ସି ଟଙ୍କାର ହେରଫେର ଓ ନିଶାସକ୍ତ ଅବସ୍ଥାରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏସଏମ୍‌ସି ପକ୍ଷରୁ ତଦନ୍ତ କରାଯାଇ ସତ୍ୟାସତ୍ୟ ଜଣାପଡିବା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଚାକିରି ଚାଲିଯିବା ଭୟ ଓ ଆର୍ଥିକ ଅନଟନ ଯୋଗୁ ସେ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି।

## ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁ ଦିବସ

**ଝାରସୁଗୁଡ଼ା ଅଫିସ,୧୪।୧୧**

ଝାରସୁଗୁଡ଼ା ଚାଇଲ୍ଡ ଲାଇନ ତରଫରୁ ସ୍ୱାଭିମାନ ଗୃହରେ ସୋମବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚାଇଲ୍ଡ ଲାଇନର ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରେଳବାଇ ଲାଇନର ସଂଯୋଜକ ରିଶବ ଶର୍ମା, ଚାଇଲ୍ଡ ଲାଇନ ସଦସ୍ୟ ସତୀଶ ଚନ୍ଦ୍ର ମିଶ୍ର, ଜ୍ୟୋସ୍ନା ପ୍ରଧାନ, ଅଧିକାରୀ ନାଏକ, ମିନାକ୍ଷୀ ମାଝି, ସରିତା ପ୍ରଧାନ, ଦୀପ୍ତିମୟୀ ବାଦି, ସ୍ୱାଭିମାନ ଗୃହର ଜୟଶ୍ରୀ ସାହୁ, କିଶୋରୀ ମହାନନ୍ଦିଆ, ସଖୀ କେନ୍ଦ୍ରର ସିସିଲିଆ କାନ୍ଦୁଲନା ପ୍ରମୁଖ ସହଯୋଗ କରିଥିଲେ ।


ଅତିଥିଙ୍କ ଗହଣରେ ଶିଶୁ ପ୍ରତିଯୋଗୀମାନେ।

# ଅନଶନରେ ହୀରାକୁଦ ବିସ୍ଥାପିତ

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ହୀରାକୁଦ ବିସ୍ଥାପିତ ସୋମବାରଠାରୁ ପୁଣି ଅନଶନରେ ବସିଛନ୍ତି। ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି ସଦସ୍ୟମାନେ ଅନଶନ କରି ନିଜ ହକ ପାଇଁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ହୀରାକୁଦ ବନ୍ଧ ନିର୍ମାଣକୁ ୬୫ବର୍ଷ ପୂରିଯାଇଛି। ଏଥିଯୋଗୁ ବିସ୍ଥାପିତ ହୋଇଥିବା ୨୬ହଜାର ୫୦୧ପରିବାର ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ୩ଟି ଜିଲାରେ ବସବାସ କରୁଛନ୍ତି। ଏତେ ବର୍ଷ ବିତିଯାଇଥିଲେ ମଧ୍ୟ ନିଜ ଭିଟାମାଟି ହରାଇଥିବା ପରିବାରଙ୍କୁ ସ୍ଥାୟୀ ଜମି ପଟ୍ଟା ଓ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯାଇନାହିଁ। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ୧୦ ଡେସିମିଲ ଲେଖାଏଁ ଜମି ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଦେବାକୁ ମଧ୍ୟ ୨୦ବର୍ଷ ହୋଇଯାଇଛି। ହେଲେ ହାତଗଣତି କେତେକ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏପର୍ଯ୍ୟନ୍ତ ହଜାର ହଜାର ପରିବାର ନିଜର ହକ ପାଇବାରୁ ବଞ୍ଚିତ ହୋଇଛନ୍ତି। ଶୀଘ୍ର ଏହାର ସମାଧାନ ନ କଲେ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି।



ହୀରାକୁଦ ବିସ୍ଥାପିତଙ୍କ ଅନଶନ ।